## କଳା ଚିପ୍ସ ବୋଝେଇ ୫ ହାଇୱା ଜବତ

**ଚଣ୍ଡିଖୋଲ,(ଡି.ଏନ.ଏ.):** ଦର୍ପଣ ତହସିଲ ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ନିକଟସ୍ଥ ସୁଭଦ୍ରାପୁର ନିକଟରୁ ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି ୫ କଳା ଚିପସ ବୋଝେଇ ହାଇୱାକୁ ମଙ୍ଗଳବାର ସନ୍ଧ୍ୟାରେ ଜବତ କରିଛନ୍ତି। ଗାଡ଼ିଗୁଡ଼ିକ ଧର୍ମଶାଳା ଅଞ୍ଚଳରୁ ଚିପସ ବୋଝେଇ କରି ପାରାଦୀପ ଅଭିମୁଖେ ଯାଉଥିଲେ। ତହସିଲଦାର ମହାନ୍ତି ସେମାନଙ୍କୁ ଅଟକାଇ କାଗଜପତ୍ର ମାଗିଥିବା ବେଳେ ଡ୍ରାଇଭରମାନେ କାଗଜପତ୍ର ଦେଖାଇ ପାରି ନ ଥିଲେ। ମହାନ୍ତି ଗାଡ଼ିଗୁଡ଼ିକୁ ଜବତ କରି ତହସିଲ କାର୍ଯ୍ୟାଳୟକୁ ନେଇଛନ୍ତି।

## ଆଜି କ'ଣ କେଉଁଠି

ଓଡ଼ଗାଁ

- ୩୦ତମ ସାମୂହିକ ବିଶ୍ୱଶାନ୍ତି ଯଜ୍ଞ, ଅଙ୍କୁରା ରୋପଣ, ସ୍ଥାନ: ନନ୍ଦିଘୋର ଜଗନ୍ନାଥ ମନ୍ଦିର, ସମୟ-ରାତ୍ର ୮ ଘଟିକା।

## ସଂକ୍ଷେପରେ

### ଦୁର୍ଘଟଣାରେ ଅଧ୍ୟାପକଙ୍କ ମୃତ୍ୟୁ

**ଧର୍ମଶାଳା,୧୬।୩(ଡି.ଏନ.ଏ.):** ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ଜାରକା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଅଧ୍ୟାପକଙ୍କ ମୃତ୍ୟୁ ଘଟିଛି। ସେ କୁଆଖିଆ ଥାନା ଭୋଟକା ଗ୍ରାମର ଅରୁଣ ରାଉତ(୫୩) ବୋଲି ଜଣାପଡ଼ିଛି। ଅରୁଣ ମୁଗୁପାଳ କଲେଜରେ ଓଡ଼ିଆ ବିଭାଗ ଅଧ୍ୟାପକ ଥିଲେ। ମଙ୍ଗଳବାର କଲେଜ ଯାଇ ଅପରାହ୍ଣରେ ଚଣ୍ଡିଖୋଲସ୍ଥିତ ନିଜ ଭଡ଼ା ଘରକୁ ବାଇକରେ ଫେରୁଥିଲେ। ଜାରକା ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଲୁହାରଡ୍ ଚୋରି: ଦୁଇ ଟ୍ରେଲର ଜବତ, ଚାଳକ ଗିରଫ

**ଚଣ୍ଡିଖୋଲ,୧୬।୩(ଡି.ଏନ.ଏ.):** ବଡ଼ଚଣା ଥାନା ୧୬ ନମ୍ବର ଜାତୀୟ ରାଜପଥର ବନ୍ଦାଲୋ ଛକ ନିକଟରେ ଏକ ଲୁହାରଡ୍ ଚୋରି ଗ୍ୟାଙ୍ଗ୍ କାମ କରୁଥିବା ବେଳେ ପୋଲିସ ମଙ୍ଗଳବାର ଦୁଇ ଟ୍ରେଲରକୁ ଜବତ କରିବା ସହ ଜଣେ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଚାଳକ ହେଲେ ଯାଜପୁର ଟାଉନ ଥାନା ଅଞ୍ଚଳର ସଞ୍ଜୟ ସାହୁ। ଏନେଇ ଥାନାରେ ମାମଲା (ନଂ.୯୪।୨୧) ରୁଜୁ ହୋଇଛି। କଟକ ଜିଲା ଟାଙ୍ଗି ଥାନା ବନ୍ଦାଲୋ ନିକଟରେ ଥିବା ରଡ୍ ଗୋଦାମରୁ ରଡ୍‌ନେଇ ଟ୍ରେଲର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ବଡଚଣା ଥାନା ୧୬ ନମ୍ବର ଜାତୀୟ ରାଜପଥ କଡ ବନ୍ଦାଲୋ ଛକ (ପୂର୍ବରୁ ଆରକେଡି କଂଷ୍ଟ୍ରକସନ କାର୍ଯ୍ୟାଳୟ) ଚାଲୁଥିବା ସ୍ଥାନରେ ରଡ ଚୋରା ବ୍ୟବସାୟ ଚାଲୁଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବଡ଼ଚଣା ପୋଲିସ ସଜାଗ ହୋଇ ଉଠିଥିଲା।

### ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ, ଜରିମାନା ଆଦାୟ

**ବରୀ,୧୬।୩(ଡି.ଏନ.ଏ.):** ବରୀ ବ୍ଲକର ମୁଖ୍ୟ ବଜାର ବରୀ ମାଉଣ୍ଡ ପ୍ରାଥମିକ ବିଦ୍ୟାଳୟ ନିକଟ ସମସ୍ତ ପାନ, ଗୁଟ୍‌ଖା ଦୋକାନରେ ବରୀ ରାମଚନ୍ଦ୍ରପୁର ପୋଲିସ ସହାୟତାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଇଛି। ଚଢ଼ାଉ ସମୟରେ ଦୋକାନରେ ଥିବା ଗୁଟ୍‌ଖା ଓ ସିଗାରେଟ ଗୁଡ଼ିକର ଏକ୍ସପାଏରୀ ଅଛକି ନାହିଁ ତାହା ଯାଞ୍ଚ କରାଯାଇଥିଲା। ଏଥିସହିତ ବିଦ୍ୟାଳୟଠାରୁ ୩ ଶହ ମିଟର ଦୂରତା ମଧ୍ୟରେ କୌଣସି ନିଶାଦ୍ରବ୍ୟ ପାନ, ଗୁଟୁଖା ବିକ୍ରୟ ନ କରିବାକୁ ଚେତାବନୀ ଦିଆଯାଇଛି। ଉକ୍ତ ବଜାରର ୩୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସେହିପରି ବାଲିଆପାଳ ଏବଂ ଅନ୍ୟ କେତେକ ବଜାରରେ ମଧ୍ୟ ଚଢ଼ାଉ କରାଯାଇ ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି। ଜରିମାନା ଦେଇଥିବା ବ୍ୟବସାୟୀ ନିୟମ ଉଲ୍ଲଙ୍ଘନ କରିବା ସହ ଏକ୍ସପାଏରି ସାମଗ୍ରୀ ବିକ୍ରି କରୁଥିବା ଜଣାପଡ଼ିଛି।

### କମ୍ପାନୀ ବିରୋଧରେ ଅଭିଯୋଗ କଲେ ଚାଷୀ

**ଯାଜପୁର ଟାଉନ,୧୬।୩(ଡି.ଏନ.ଏ.):** ଏକ କମ୍ପାନୀଠାରୁ କ୍ଷତିଗ୍ରସ୍ତ ଚାଷୀ ନ୍ୟାୟ ପାଇବା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଜିଲାପାଳଙ୍କୁ ଭେଟିବାର ୩ମାସ ବିତିଥିଲେ ମଧ୍ୟ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଚାଷୀ ପୁନର୍ବାର ଯାଜପୁର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦର୍ପଣ ତହସିଲ୍ କଡ଼ାଇ, ଇନାୟତନଗର ଓ ଗଣାସ ମୌଜାର ଚାଷୀଙ୍କଠାରୁ ସମ୍ପୃକ୍ତ କମ୍ପାନୀ ଜମି କ୍ରୟ କରିଥିଲା। ଜମି କ୍ରୟ ସମୟରେ କମ୍ପାନୀ ଚାଷୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପରବର୍ତ୍ତୀ ସମୟରେ ଭୁଲିଯିବା ସହ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଏହି ସମସ୍ୟା ନେଇ ଚାଷୀ ଡିସେମ୍ବର ୧୭ରେ ଜିଲାପାଳଙ୍କୁ ଭେଟି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ୨ ଦଶନ୍ଧିର ନିରାଶା

**ଯାଜପୁର ଅଫିସ,୧୬।୩**

## କଳିଙ୍ଗନଗର ବିସ୍ଥାପିତଙ୍କ ଦୁଃଖ ସରୁନି

- ଜମି ମିଳିଛି, ପଟ୍ଟା ନାହିଁ
- ଅଟକିଛି ବନ୍ଦୋବସ୍ତ କାର୍ଯ୍ୟ
- ସରକାରୀ ସୁବିଧାରୁ ବଞ୍ଚିତ ବିସ୍ଥାପିତ ପରିବାର

ଯାଜପୁର କଳିଙ୍ଗନଗର ଶିଳ୍ପାୟନ ଯୋଗୁ ୨୪୨୫ ପରିବାର ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ଗୋବରଘାଟି, ସନସାଇଲୋ, ତ୍ରିଜଙ୍ଗା ଓ ବାରାଡ଼ାପୋଷିଠାରେ ୧୦ ଡେସିମିଲ ଲେଖାଏ ଜମିଦିଆଯାଇ ବିସ୍ଥାପିତ କଲୋନୀ ନିର୍ମାଣ ହୋଇଛି। ଅଥଚ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହେବା ପରେ ମଧ୍ୟ ଉକ୍ତ ଜମିର ଘରବାଡ଼ି ପଟ୍ଟା ମିଳି ପାରିନାହିଁ। ଏହି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ କୌଣସି ଆନ୍ତରିକତା ଦେଖାଉନାହିଁ। ଏଭଳି ବିଳମ୍ବ ଯୋଗୁ ବିସ୍ଥାପିତଙ୍କ ଦୁଃଖ ଦିନକୁ ଦିନ ବଢ଼ଚାଲିଥିବାବେଳେ ଶିଳ୍ପାୟନ ଜନିତ ସମସ୍ୟା ମଧ୍ୟ ବ୍ୟାପକ ହେବାରେ ଲାଗିଛି। ଜମି ଦେଇ ଭିଟାମାଟି ହରାଇଥିବା ଲୋକେ କମ୍ପାନୀ, ପ୍ରଶାସନ ଏବଂ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣାରେ ନିରାଶା ଜୀବନ କାଟୁଛନ୍ତି।

ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନ ଜରୁରୀ। ୨୦୦୦ ମସିହାରୁ ଏହା ହୋଇଛି ଓଡ଼ିଶା ଶାସନର ମୂଳମନ୍ତ୍ର। କ୍ଷତିଗ୍ରସ୍ତ ଜମିହରା ଓ ବିସ୍ଥାପିତଙ୍କ ଥଇଥାନ ତଥା ପୁନର୍ବାସ ପାଇଁ ନୀତି କରିଛନ୍ତି, ଯାହାକୁ କି ଦେଶର ସର୍ବଶ୍ରେଷ୍ଠ ନୀତି ବୋଲି କୁହାଯାଉଛି। ହେଲେ ଏହି ନୀତି କଳିଙ୍ଗନଗରରେ ଅନୀତିରେ ପରିଣତ ହୋଇଛି। ବହୁ କୃଷକ ଏବେ ଦିନମଜୁରିଆ ଓ ଠିକା ଶ୍ରମିକ ପାଲଟିଛନ୍ତି। ଦିନେ ନିଜ ଜମିରେ ସୁନାର ଫସଲ ଫଳାଉଥିଲେ, ଏବେ ଦୁଇଓଳା ଖାଇବା ପାଇଁ କାରଖାନାଗୁଡ଼ିକରେ ଖଟି ଦୁର୍ବିଷହ ଜୀବନ ଜିଉଛନ୍ତି। ଏହାଠୁ ବଳିଯାଇଛି ଘର, ଜମି ବଦଳରେ ମିଳିଥିବା ଜମିକୁ ନେଇ ଦୁଃଖ। କାରଣ ପ୍ରାୟ ୨୪ ବର୍ଷ ହୋଇଗଲା, ସେମାନଙ୍କୁ ଘରବାଡ଼ି କିସମ ଭାବେ ପଟ୍ଟା ମିଳିପାରିଲା ନାହିଁ। ଏହିଯୋଗୁ ସେମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଆସୁଛନ୍ତି। ମିଳିଥିବା ଜମିର କାଗଜ କେବଳ ସାଇତି ରଖିବା ଛଡ଼ା ଅନ୍ୟ କୌଣସି ଲାଗୁନାହିଁ ବୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି କଳିଙ୍ଗନଗର ବିସ୍ଥାପତ ପରିବାର। ସେମାନେ ପାଇଥିବା ଜମିରେ ଗୃହ ନିର୍ମାଣ କରିବାକୁ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରି ହତାଶ ହୋଇଛନ୍ତି। ତାହା ଘରବାଡି କିସମ ହୋଇ ନ ଥିବାରୁ ସେମାନଙ୍କ ଆବେଦନ ଗୃହୀତ ହୋଇ ପାରୁନାହିଁ। ସେହିପରି କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ମଧ୍ୟ ସେମାନଙ୍କୁ ଗୃହ ଋଣ ମିଳିପାରୁନାହିଁ। ସରକାର ତତ୍ପରତା ପ୍ରକାଶ କରି ତୁରନ୍ତ ଜମିପଟ୍ଟା ଯୋଗାଇ ଦେବାକୁ ବିଭିନ୍ନ ସମୟରେ ଦାବି କରାଯାଉଛି। ହେଲେ ସରକାର ଶୁଣୁ ନ ଥିବାରୁ ବିସ୍ଥାପିତମାନଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି ବୋଲି ବିସ୍ଥାପିତ ନେତା ବାବୁଲି ପୂର୍ତ୍ତି କହିଛନ୍ତି।

କଳିଙ୍ଗନଗରରେ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଅଞ୍ଚଳବାସୀଙ୍କଠାରୁ ପ୍ରାୟ ୧୦ ହଜାର ଏକର ଜମି ଅଧିଗ୍ରହଣ କରିଛନ୍ତି। ବିସ୍ଥାପନ ହୋଇଥିବା ପରିବାର ଓ କାରଖାନା କର୍ତ୍ତୃପକ୍ଷ କେହିବି ଆଜି ପର୍ଯ୍ୟନ୍ତ ଜମିକୁ ନିଜ ନାମରେ କରିପାରୁନାହାନ୍ତି। ୩୦ ବର୍ଷ ତଳୁ କଳିଙ୍ଗନଗରରେ ଭୂ-ବନ୍ଦୋବସ୍ତ ବନ୍ଦ ରହିଥିବାରୁ ଏମାନେ ପ୍ରଜାସ୍ୱତ୍ୱରୁ ବଞ୍ଚିତ ହୋଇଛନ୍ତି। ଏଥିନିମନ୍ତେ ଅଞ୍ଚଳବାସୀଙ୍କଠାରୁ ଜମିକୁ ଗ୍ରହଣ କଲାପରେ କାରଖାନାଗୁଡ଼ିକ ମଧ୍ୟ ନିଜ ନାମରେ ମ୍ୟୁଟେଶନ(ନାମାନ୍ତରଣ) କରିପାରୁ ନାହାନ୍ତି। ୯୦ ଦଶକ ଶେଷ ସୁଦ୍ଧା ରାଜ୍ୟରେ ସମସ୍ତ ସ୍ଥାନରେ ଭୂ-ବନ୍ଦୋବସ୍ତ କାର୍ଯ୍ୟ ସରିଛି। ୧୯୯୦ ଏପ୍ରେଲ ୨୩ରେ କଳିଙ୍ଗନଗରରେ ଭୂ-ବନ୍ଦୋବସ୍ତ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରିଥିଲେ। ଭୂ-ବନ୍ଦୋବସ୍ତ କାର୍ଯ୍ୟ ୧୯୯୧ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥିଲା। ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ନିମନ୍ତେ ସେବେଠାରୁ ସେଟେଲମେଣ୍ଟ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳର ୨୯ ଗ୍ରାମରେ ସେଟେଲମେଣ୍ଟ କାର୍ଯ୍ୟ ବନ୍ଦ ରହିବା ବିସ୍ଥାପିତଙ୍କ ପାଇଁ ଦୁଃଖ ପାଲଟିଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ବିସ୍ଥାପିତ ପରିବାରବର୍ଗଙ୍କୁ ଜମି ପଟ୍ଟା ଯୋଗାଇବା ପ୍ରକ୍ରିୟା ଚାଲିଛି। ତେବେ ବନ୍ଦୋବସ୍ତ କାର୍ଯ୍ୟ ହେଉ ନ ଥିବାରୁ ସବୁଠି ସମସ୍ୟା ଦେଖାଦେଇଛି।



କଳିଙ୍ଗନଗର ଗୋବରଘାଟୀ ବିସ୍ଥାପିତ କଲୋନୀ।

# ୭ ଗିରଫ, ଏସ୍‌ପିଙ୍କ ଘଟଣାସ୍ଥଳ ପରିଦର୍ଶନ

**ରସୁଲପୁର,୧୬।୩(ଡି.ଏନ.ଏ.)**

## ଅଷ୍ଟପ୍ରହର ଚାନ୍ଦା ପାଇଁ ଯୁବକଙ୍କୁ ହତ୍ୟା ଘଟଣା

କୁଆଖିଆ ଥାନା ବାହଦଲାପୁର ପଞ୍ଚାୟତ ସରିଫାବାଦ ଗ୍ରାମର ଦଳେଇ ସାହିରେ ଅଷ୍ଟପ୍ରହର ଚାନ୍ଦା ପାଇଁ ମହେଶ୍ୱର ଦଳେଇଙ୍କ ସାନପୁଅ ନୀଳମଣି ଓରଫ୍ ଟିଟୁଆ(୨୫)ଙ୍କୁ ରବିବାର ହତ୍ୟା କରାଯାଇଥିଲା। ସେହି ଗାଁର ୧୩ଜଣ ଯୁବକ ସଂଘବଦ୍ଧ ଭାବରେ ଆକ୍ରମଣକରି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ତେବେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ମଙ୍ଗଳବାର ପୋଲିସ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସନ୍ଧ୍ୟାରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର ଘଟଣାସ୍ଥଳ ପରିଦର୍ଶନ କରିବା ସହ ମୃତ ଯୁବକଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଗିରଫ ଅଭିଯୁକ୍ତ ହେଲେ ପାଣକୃଷ୍ଣ ଦଳେଇ(୬୩) ଓ ତାଙ୍କ ୩ପୁଅ ଶନି ଓରଫ ପ୍ରଶାନ୍ତ ଦଳେଇ(୨୫) ଓ ବାଟୁଆ ଓରଫ ଗୋପିନାଥ ଦଳେଇ(୩୯), ବିଶ୍ୱନାଥ ଦଳେଇ(୩୬), ପ୍ରଫୁଲ୍ଲ ଦଳେଇ ପୁଅଙ୍କ ଟିଟୁଆ ଓରଫ ପ୍ରହ୍ଲାଦ(୨୦), ସନାତନ ଦଳେଇଙ୍କ ପୁଅ ରବୀନ୍ଦ୍ର ଦଳେଇ(୬୧) ଓ ଝାଟୁଆ ଦଳେଇଙ୍କ ପୁଅ ଅରୁଣ(୩୬)। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ତଦନ୍ତ ଅଧିକାରୀ ମନୋଜ ସ୍ୱାଇଁ ପ୍ରକାଶ କରିଛନ୍ତି।

# ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଜବତ

**ଧର୍ମଶାଳା,୧୬।୩(ଡି.ଏନ.ଏ.)**

ଧର୍ମଶାଳା ଥାନା ଦକ୍ଷିଣଶାସନ ଗ୍ରାମରେ ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ପୋଲିସ ମଙ୍ଗଳବାର ଜବତ କରିବା ସହିତ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ କୃଷ୍ଣ ମଲିକଙ୍କ ସ୍ତ୍ରୀ କାଞ୍ଚନ(୫୫)। ନିଜ ଘରେ ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବାରୁ ତାଙ୍କୁ କେହି ହତ୍ୟା କରିଥାଇ ପାରନ୍ତି ବୋଲି ତାଙ୍କ ପୁତୁରା କୁଆଖିଆ ଥାନା ଖଣ୍ଡିତର ଗ୍ରାମର ବିକାଶ ମଲିକ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୧୩୫/୨୧ରେ ହତ୍ୟା ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି। କାଞ୍ଚନଙ୍କ ପରିବାରରେ କେହି ନ ଥିବା ବେଳେ ସେ ୫ ବର୍ଷ ହେଲା ଗ୍ରାମ ନିକଟସ୍ଥ ପୋଖରୀ ହୁଡାରେ ଘର କରି ରହୁଥିଲେ। ସେ ମାନସିକ ବିକାରଗ୍ରସ୍ତ ହୋଇପଡିଥିଲେ ବୋଲି କେତେଜଣ ଗ୍ରାମବାସୀ ପ୍ରକାଶ କରିଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବିଞ୍ଝାରପୁର,୧୬।୩(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଧୀନ ମାଁସଡ଼ା-ମଧୁପୁର ରାସ୍ତାର ରସିକଛକ ନିକଟସ୍ଥ ବନ୍ଧସାହିଠାରେ ସୋମବାର ବିଳମ୍ବିତ ରାତିରେ ଏକ ଅଜଣାଗାଡ଼ି ଧକ୍କାରେ ମାଁସଡା ପଞ୍ଚାୟତ ଗୌଡ଼ସାହି ଗ୍ରାମ ବନ୍ଧସାହିର ମେଘନାଧ ଯେନା(୫୬)ଙ୍କ ମୃତ୍ୟୁ ଘଟିଛି। ଏକଥା ପ୍ରଚାରିତ ହେବାପରେ ମଙ୍ଗଳବାର ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ବନ୍ଧସାହିଠାରେ ମାଁସଡ଼ା -ମଧୁପୁର ରାସ୍ତା ଅବରୋଧ କରିଥିଲେ। ଥାନା ଏସ୍‌ଆଇ କସ୍ତୁରୀ ଚରଣ ଦାସ ଓ ଜିଲାପରିଷଦ ସଭ୍ୟ ସୁଶାନ୍ତ ମିଶ୍ର ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁସାରେ, ମେଘନାଦ ତାଙ୍କ ମୁଗ ଫସଲକୁ ଷଣ୍ଢଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ ଜଗିବାକୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇ ରାସ୍ତାରେ ପଡ଼ି ରହିଥିଲେ। ବନ୍ଧସାହି ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ଯାଜପୁର ଜିଲା ମୁଖ୍ୟଚିକିତ୍ସାଳକୁ ନିଆଯାଇଥିଲା। ହେଲେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଆହୁରି ବିଗିଡ଼ି ଯିବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମଙ୍ଗଳବାର ସକାଳେ ମୃତ୍ୟୁ ଘଟିଥିଲା।



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ଦୁର୍ଘଟଣାରେ ଜଣେ ମୃତ

# ୧୨ ଗ୍ରାମ ବ୍ରାଉନସୁଗାର ଜବତ: ଅଭିଯୁକ୍ତ ଗିରଫ

**ବିରିଡି,୧୬।୩(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିରିଡି ଥାନା ଅଲାଣ୍ଡୋ ଛକ ନିକଟ ଏକ କ୍ୟାବିନ ପାଖରେ ଚଢ଼ାଉ କରାଯାଇ ୧୨ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଏହି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଥାନା ଅନ୍ତର୍ଗତ ରାଣୀପଡା ଗ୍ରାମର ଦିନନାଥ ସେଠୀ (୩୪)। ବ୍ରାଉନସୁଗାର ବିକ୍ରି କରିବାକୁ ସେ ଅଲାଣ୍ଡୋ ଛକକୁ ଆସିଥିଲେ। ଅବକାରୀ ବିଭାଗ ଏସ୍‌ପି ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସସ୍ମିତା ହୋତା ସଦଳବଳ ଚଢ଼ାଉକରି ସେଠୀଙ୍କୁ ଗିରଫ କରିଛନ୍ତି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଏସ୍‌ଆଇ ହୋତା କହିଛନ୍ତି। ଏନେଇ ବିଭାଗ ପକ୍ଷରୁ (ପିଆର ନଂ .୮୪/୨୧)ରେ ମାମଲା ରୁଜୁ ହୋଇଛି।

# ପାୱାର ବ୍ଲାଷ୍ଟର ଦଳ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟାନ ଦଳ।

**କଳିଙ୍ଗନଗର,୧୬।୩(ଡି.ଏନ.ଏ.)**

## ଭିସା ଷ୍ଟିଲର ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଷ୍ଟିଲ କାରଖାନା ପକ୍ଷରୁ ଆନ୍ତଃ ବିଭାଗୀୟ କ୍ରିକେଟ ଟୁର୍ନାମେଣ୍ଟ କାରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦାନଗଦୀ ତହସିଲଦାର ନମ୍ରତା ମୋଦି ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଏଥିରେ କାରଖାନାର ବିଭିନ୍ନ ବିଭାଗକୁ ନେଇ ୬ଟି ଦଳ ଗଠନ କରାଯାଇଥିଲା। ପାୱାର ବ୍ଲାଷ୍ଟର ଓ କ୍ରୋମ୍ ରେଜେର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ପାୱାର ବ୍ଲାଷ୍ଟର ଦଳ ପ୍ରତିପକ୍ଷ କ୍ରୋମ ରେଜେର ଦଳକୁ ୨୫ ରନରେ ପରାସ୍ତ କରି ଚଳିତ ବର୍ଷ ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ ମୁଖ୍ୟଅତିଥି ଓ ଯଖପୁରା ଥାନାର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ସମସ୍ତ ଖେଳାଳିଙ୍କୁ ସ୍ୱାଗତ ସହ ଦଳଗତ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ। କାରଖାନାର ସମସ୍ତ କର୍ମଚାରୀ ଓ ବରିଷ୍ଠ ଅଧିକାରୀ ଫାଇନାଲ ମ୍ୟାଚକୁ ଉପଭୋଗ କରିଥିଲେ।

# ଆକ୍ରମଣରେ ୫ ବନ କର୍ମଚାରୀ ଆହତ

**ରାଜନଗର, ୧୬।୩(ଡି.ଏନ.ଏ.)**

## ଗହୀରମଥା ନିଷିଦ୍ଧାଞ୍ଚଳରେ ମାଛ ମାଫିଆ-ବନ କର୍ମଚାରୀ ମୁହାଁମୁହିଁ

ଗହୀରମଥା ନିଷିଦ୍ଧାଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବନବିଭାଗର ପାଟ୍ରୋଲିଂ ଟିମ ଓ ବେଆଇନ ଭାବେ ମାଛ ଧରୁଥିବା ମାଫିଆଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଏଥିରେ ୫ ବନ କର୍ମଚାରୀ ଆହତ ହୋଇଛନ୍ତି। ଏ ନେଇ ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ ମାଛ ମାଫିଆଙ୍କ ନାମରେ ତାଳଚୁଆ ସାମୁଦ୍ରିକ ଥାନାରେ ମଙ୍ଗଳବାର ଲିଖିତ ଅଭିଯୋଗ କରିଛନ୍ତି। ମାଛ ମାଫିଆଙ୍କ ଆକ୍ରମଣ ଘଟଣା କଇଁଛ ସୁରକ୍ଷା ପାଇଁ ନିୟୋଜିତ ହୋଇଥିବା ବନବିଭାଗର ପାଟ୍ରୋଲିଂ ଟିମ ଆତଙ୍କିତ ହୋଇ ପଡିଛନ୍ତି। ଗହୀରମଥା ନିଷିଦ୍ଧାଞ୍ଚଳରେ ଏବେ ଅଲିଭରିଡଲେ ମାଆ କଇଁଛମାନଙ୍କର ସମାଗମ ହେବା ସହ ପର୍ଯ୍ୟାୟକ୍ରମରେ ବାବୁବାଲି ଦ୍ୱୀପ ସହ ବେଳାଭୂମିରେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କଇଁଛମାନଙ୍କୁ ସୁରକ୍ଷା ଦେବାକୁ ବିଳମ୍ବିତ ରାତ୍ରିରେ ଫରେଷ୍ଟର ସଞ୍ଜୟ କୁମାର ଦାସଙ୍କ ନେତୃତ୍ୱରେ ୧୪ଜଣ ବନ କର୍ମଚାରୀ ଓ ପୋଲିସ କର୍ମଚାରୀ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବାବୁବାଲି ଦ୍ୱୀପଠାରୁ ୪କିମି ସମୁଦ୍ର ଭିତରେ ନିୟୁ ଜନନୀ-୧ ନାମକ ଟ୍ରଲର ମାଛ ମାରୁଥିବା ବେଳେ ଧରିବାକୁ ଯାଇଥିଲେ। କିନ୍ତୁ ମାଛ ମାଫିଆମାନେ ନିଷିଦ୍ଧାଞ୍ଚଳ ଛାଡିବା ପରିବର୍ତ୍ତେ ସେଠାରେ ବନବିଭାଗର ପାଟ୍ରୋଲିଂ ଟିମକୁ ମୁକାବିଲା କରିଥିଲେ। ନିୟୁ ଜନନୀ-୧ ଟ୍ରଲର ସମେତ ଆଖ ପାଖରୁ ୧୦ ଟ୍ରଲର ଏକତ୍ରିତ ହୋଇ ଗଭୀର ସମୁଦ୍ରରେ ପାଟ୍ରୋଲିଂ ଟ୍ରଲରକୁ ବୁଡାଇ ଦେବାକୁ ପାଲଟା ଆକ୍ରମଣ କରିଥିଲେ। ଗଭୀର ସମୁଦ୍ର ମଧ୍ୟରେ ମାଫିଆଙ୍କ ଶକ୍ତିଶାଳୀ ଟ୍ରଲର ଧକ୍କାରେ ବନବିଭାଗର ପାଟ୍ରୋଲିଂ ଟ୍ରଲରର ପଛ ପଟ ଭାଙ୍ଗି ପାଣି ପଶିବା ଆରମ୍ଭ କରୁଥିଲା। କୌଶଳକ୍ରମେ ଜୀବନ ରକ୍ଷା କରି ବନବିଭାଗର ପାଟ୍ରୋଲିଂ ଟ୍ରଲରଟି କୂଳକୁ ଚାଲି ଆସିଥିଲେ ବୋଲି ରେଞ୍ଜ ଅଫିସର ଭୋଇ ସୂଚନା ଦେଇଛନ୍ତି। ନଭେମ୍ବରରୁ ଏ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ସମୂହ ଅଣ୍ଡା ଦେବାକୁ ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଅଲିଭରିଡଲେ କଇଁଛ ଆସିଛନ୍ତି। ଏମାନଙ୍କ ସୁରକ୍ଷା ଦାୟିତ୍ୱରେ ବନବିଭାଗ, ତଟରକ୍ଷୀ ବାହିନୀ ଏବଂ ରାଜ୍ୟ ମତ୍ସ୍ୟ ବିଭାଗ ବିଫଳ ହୋଇଛି। ଏହାର ସ୍ପଷ୍ଟ ଚିତ୍ର ସୋମବାର ଗହୀରମଥାରେ ବନବିଭାଗର ପାଟ୍ରୋଲିଂ ଟିମକୁ ଅନ୍ଧାର ରାତିରେ ମାଛ ମାଫିଆମାନେ ୧୦ଟି ଟ୍ରଲର ମାଧ୍ୟମରେ ଆକ୍ରମଣ କରିବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି।

# ପୂଜକଙ୍କୁ ମରଣାନ୍ତକ ଆକ୍ରମଣ

**ରସୁଲପୁର,୧୬।୩(ଡି.ଏନ.ଏ.)**

କୁଆଖିଆ ଥାନା ବଡ଼କଇଁଚି ପଞ୍ଚାୟତ ପାଞ୍ଚଗୋଛିଆ ଗ୍ରାମର ଗ୍ରାମଦେବତୀ ପୂଜକ ବିକାଶ ରଥ(୨୫)ଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ସେ ଗ୍ରାମଦେବତୀ ପୀଠରେ ଥିବା ସିମେଣ୍ଟ ଘୋଡା ଭାଙ୍ଗିବାକୁ ବିରୋଧ କରିବାରୁ ସେହି ଗ୍ରାମର ବିଳୁ ରଥ ଓ ଗନ୍ଧଣ ପଞ୍ଚାୟତ ଏକତଲା ଗ୍ରାମର ରୁଦ୍ରାଂଶୁ ସାହୁ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ପୂଜକଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପୂଜକଙ୍କ ବାପା ପଦ୍ମନାଭ ଦ୍ୱିବେଦୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହାଛଡ଼ା ଅଭିଯୁକ୍ତ ମା'ଙ୍କ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରିଥିବା ଅଭିଯୋଗ ହୋଇଛି।

# ସଙ୍କଟମୋଚନଙ୍କ ବାର୍ଷିକୋତ୍ସବ

**ପାଣିକୋଇଲି,୧୬।୩(ଡି.ଏନ.ଏ.)**

ପଥରପଦା ପଞ୍ଚାୟତ ଓଟିନ୍ଦା ଗିରିସାହିରେ ସଙ୍କଟମୋଚନଙ୍କ ଦଶମ ବାର୍ଷିକ ଜନ୍ମୋତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ୩ ଦିନ ନାମ ଯଜ୍ଞ ଅନୁଷ୍ଠିତ ହେବ । ଗୁରୁବାର ଯଜ୍ଞର ପୂର୍ଣ୍ଣାହୂତି ଦିଆଯିବ । ମଙ୍ଗଳବାର ପ୍ରତ୍ୟୁଷରୁ ଶତାଧିକ ଭକ୍ତ ବୈତରଣୀ ନଦୀରୁ ପବିତ୍ର ଜଳ ଆଣି ମହାବୀରଙ୍କ ପୀଠରେ ପହଞ୍ଚିଥିଲେ। ପୂଜକ ପରମାନନ୍ଦ ଶତପଥୀ, ରବି ପଣ୍ଡା, ରଘୁନାଥ ପାଢୀ, ରାଧାକାନ୍ତ ଶତପଥୀ,ଓ ପ୍ରଶନ୍ନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ କାର୍ଯ୍ୟ ଆରମ୍ଭ ଚାଲିଛି। କର୍ତ୍ତା ଭାବେ ଦେବଦତ୍ତ ସେନାପତି, ଗୌରାଙ୍ଗ ସାହୁ, ରଞ୍ଜନ ଗିରି ପ୍ରମୁଖ ସସ୍ତ୍ରୀକ ଯଜ୍ଞସ୍ଥଳରେ ଉପସ୍ଥିତ ଅଛନ୍ତି। ଚଳିତ ବର୍ଷ କୋଭିଡ କଟକଣା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି।

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ

**ଧର୍ମଶାଳା,୧୬।୩(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଭୟପୁର ସମବାୟ ସମିତି ଅଧୀନରେ ଟୋକନ ପାଇଥିବା ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ତେଣୁ ଏହାର ପ୍ରତିବାଦରେ ସେମାନେ ମଙ୍ଗଳବାର ସମିତିରେ ତାଲା ପକାଇବା ସହ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଚାଷୀ କହିଛନ୍ତି, ଟୋକନ ପାଇବା ପରେ ସମବାୟ ସମିତିକୁ ଧାନ ବିକ୍ରି ପାଇଁ ଆଣିଥିଲେ। ତେବେ ଧାନକିଣା ପାଇଁ ଟାର୍ଗେଟ ଫିଲପ ହୋଇଯାଇଥିବାରୁ ଆଉ ଧାନ କିଣାଯାଇ ପାରିବ ନାହିଁ ବୋଲି ସମିତି ପକ୍ଷରୁ କୁହାଯାଇଥିଲା। ଫଳରେ ଚାଷୀ ଲୋକନାଥ ପଲେଇ, ଶରତ ସାହୁ, ଶ୍ରୀମନ୍ତ ଜେନା, ପୁରୁଷୋତ୍ତମ ସାହୁ ପ୍ରମୁଖ କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାନବସ୍ତା ରଖି ଜାରକା-କାଏମା ରାସ୍ତା ଅବରୋଧ କରିଥିଲେ। ଅନ୍ୟପକ୍ଷରେ ଟାର୍ଗେଟ ନ ଥିବାରୁ ଧାନ କ୍ରୟ କରାଯାଇ ପାରିନାହିଁ। ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିବା ସମିତି ସମ୍ପାଦକ ରଞ୍ଜନ ସେଠୀ କହିଛନ୍ତି।



ଧାନବସ୍ତା ରଖି ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

# ଅସୁସ୍ଥ ଦମ୍ପତିଙ୍କୁ ଉଠାଇନେଲା ପୋଲିସ

**କାଳିଆପାଣି,୧୬।୩(ଡି.ଏନ.ଏ.)**

## ମା' ସହ ଜେଲ ଗଲା ୨ ମାସର ଶିଶୁପୁତ୍ର

କାଳିଆପାଣିଥାନା ପୋଲିସ ୨୦୧୯ରଏକ ଅପହରଣ ମାମଲାରେ ଅସୁସ୍ଥ ଦମ୍ପତିଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସ୍ୱାମୀ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। ସେଠାରେ ଦୁର୍ଘଟଣା ଘଟିବାରୁ ତାଙ୍କ ଗୋଡ ଭାଙ୍ଗିଯାଇଛି। ସେହିପରି ସ୍ତ୍ରୀ ୨ଦିନ ତଳେ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଛନ୍ତି। ଅସୁସ୍ଥ ମା'ବାପାଙ୍କ ସହିତ ୨ମାସର ଶିଶୁପୁତ୍ର ବି ଜେଲ ଯାଇଛି। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲିଟିଛି।

ସୂଚନା ଅନୁସାରେ, କାଳିଆପାଣି ଥାନା ଗିରଙ୍ଗାମାଳି ଗ୍ରାମର କରୁଣାକର ମହାନ୍ତି ଗତବର୍ଷ ନିଜ ଗାଁ ଉପକଣ୍ଠର ଜଣେ ଆଦିବାସୀ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏ ନେଇ କରୁଣାକରଙ୍କ ବାପାଙ୍କୁ ଗିରଫ କରିଥିଲା। ପରେ କରୁଣାକରଙ୍କୁ ତାମିଲନାଡୁରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପୋକ୍ସୋ ଆକ୍ଟ ଅନୁଯାୟୀ ପୋଲିସ ମାମଲା ରୁଜୁ କରିଥିବାରୁ ଅଭିଯୁକ୍ତ ଅଦ୍ୟାବଧି ଜେଲରେ ଅଛନ୍ତି। ତାଙ୍କ ବାପାଙ୍କୁ ଜାମିନ ମିଳିଛି। ତେବେ କରୁଣାକରଙ୍କ ବଡ଼ ଭାଇ ପଙ୍କଜ ତାମିଲନାଡୁରେ ରହୁଥିଲେ। କରୁଣାକାର ନାବାଳିକାଙ୍କୁ ନେଇ ଫେରାର ହେବା ପରେ ପଙ୍କଜଙ୍କ ଘରେ ଆଶ୍ରୟ ନେଇଥିଲେ। ଏହି କାରଣରୁ ପୋଲିସ କରୁଣାକରଙ୍କ ବଡ଼ ଭାଇ ଓ ଭାଉଜଙ୍କ ନାମରେ ମାମଲା ରୁଜୁ କରିଥିଲା। ପରେ ସେମାନଙ୍କୁ ଫେରାର ଥିବା ଦର୍ଶାଇ ଚାର୍ଜସିଟ ଦାଖଲ କରିଥିଲା। କୋର୍ଟ ସେମାନଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ପଙ୍କଜ ତାମିଲନାଡୁରେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବାରୁ ସେ ଘରେ ଥିଲେ। ଭାଉଜ ସୁକାନ୍ତି ୨ମାସ ତଳେ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଏଥିସହିତ ୨ଦିନ ତଳେ ସେ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିଲେ। ଗୁରୁବାର ତାଙ୍କ ଷ୍ଟିଚ୍ ଖୋଲା ଯାଇଥାନ୍ତା। ଏପରି ଅବସ୍ଥାରେ ପୋଲିସ ଦମ୍ପତିଙ୍କୁ ଗିରଫ କରିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆଇନଜୀବୀ ସୁବାସ ନନ୍ଦ କହିଛନ୍ତି, ପୋଲିସ ପୁରୁଣା ୱାରେଣ୍ଟକୁ କାର୍ଯ୍ୟକାରୀ କରିବାକୁ ଯାଇ ଏପରି ପଦକ୍ଷେପ ନେଇଛି। ପଳାତକ ଘୋଷଣା ପୂର୍ବରୁ ତାଙ୍କ ଗ୍ରାମରେ ନୋଟିସ ମାରିବା କଥା। ଖବର କାଗଜରେ ବିଜ୍ଞାପନ ଦେଇ ସେମାନଙ୍କୁ ପଳାତକ ଘୋଷଣା କରିବା କଥା। ପୋଲିସ ଏପରି କରିଥିଲେ ଦମ୍ପତି କୋର୍ଟର ଆଶ୍ରୟ ନେଇ ମାମଲାର ବିଚାର ପ୍ରକ୍ରିୟାରେ ନିଜକୁ ସାମିଲ କରି ପାରିଥାନ୍ତେ। ପୋଲିସ ମଧ୍ୟ ସେମାନଙ୍କୁ ଗିରଫ କରିବା ପୂର୍ବରୁ ଅସୁସ୍ଥତା ସମ୍ପର୍କରେ କୋର୍ଟକୁ ଜଣାଇ ପାରିଥାନ୍ତା। ଶିଶୁ ସମ୍ପର୍କରେ ମଧ୍ୟ କୋର୍ଟଙ୍କୁ ଅବଗତ କରାଇ ପାରିଥାନ୍ତା। ମାତ୍ର ଏପରି କିଛି ନ କରି ଅସୁସ୍ଥ ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପୋଲିସର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ କାଳିଆପାଣି ଥାନା ଏସ୍‌ଆଇ ବିଭୂତି ମହାପାତ୍ର କହିଛନ୍ତି, ଆମେ କେବଳ କୋର୍ଟଙ୍କ ଆଦେଶ ପାଳନ କରିଛୁ। କୋର୍ଟ ଏହାର ବିଚାର କରି ଯାହା ପଦକ୍ଷେପ ନେବେ।

## ଆଜିଠୁ ଚାଲିବ ଡିଏମ୍ୟୁ ଟ୍ରେନ

ବାରିପଦା ଅଫିସ- ଦକ୍ଷିଣ ପୂର୍ବ ରେଳବାଇ ବୋର୍ଡ଼ର ଅନୁମୋଦନ କ୍ରମେ ଆସନ୍ତାକାଲିଠାରୁ ବାଙ୍ଗିରିପୋଷି-ରୁପସା ଡ଼ିଏମୟୁ ଟ୍ରେନ ପୁନଃ ଚଳପ୍ରଚଳ କରିବା। ଏନେଇ ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ବିଜ୍ଞପ୍ତ ପ୍ରକାଶ ପାଇଛି। ଡିଏମ୍ୟୁ ଟ୍ରେନ ନଂ. ୭୮୦୧୬ ଓ ନଂ. ୭୮୦୧୭ ଦୈନିକ ୪ଥର ଏହି ରୁଟ୍‌ରେ ଚଳାଚଳ କରୁଥିବା ବେଳେ ଦୁଇ ଥର ବାଲେଶ୍ୱରକୁ ଯାଇଥାଏ। କରୋନା କାରଣରୁ ଗତବର୍ଷ ମାର୍ଚ୍ଚ ୨୫ରୁ ଏହି ଡିଏମୟୁ ଟ୍ରେନ ଦୁଇଟି ବନ୍ଦ ରହିଥିଲା।

## ସଂକ୍ଷେପରେ

### ୩ କରୋନା ଆକ୍ରାନ୍ତ ଚିହ୍ନଟ

ଠାକୁରମୁଣ୍ଡା,୧୬।୩(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଅଞ୍ଚଳରୁ ଗତ ୨ ଦିନ ମଧ୍ୟରେ ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ଓ ମଙ୍ଗଳବାର କରାଯାଇଥିବା ପରୀକ୍ଷାରୁ ୩ ପଜିଟିଭ୍ ବାହାରିଥିଲେ। ସଂକ୍ରମିତଙ୍କ ମଧ୍ୟରେ ୨ ଜଣ ହାଇସ୍କୁଲ ଛାତ୍ରୀ ଓ ଜଣେ ବ୍ୟାଙ୍କ କର୍ମଚାରୀ ଥିବା ସୂଚନା ମିଳିଛି। ଆକ୍ରାନ୍ତ ୩ଜଣ ନିଜ ନିଜ ଘରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ପ୍ରତିଦିନ କରୋନା ଟେଷ୍ଟ ସଂଖ୍ୟା ବଢ଼ିଲେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ୧୪ ବଖରା ଜଳିଗଲା

ବନ୍ତ/ପଦ୍ମପୁର, ୧୬।୩ (ସ୍ୱ.ପ୍ର./ଡି.ଏନ.ଏ.): ଭଦ୍ରକ ଜିଲାର ପୃଥକ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୧୪ ବଖରା ଜଳିଯାଇଛି। ବନ୍ତ ତହସିଲ ଅଧୀନ ଓଡ଼ଙ୍ଗ ମହୁରୀ ସାହିରେ ମଙ୍ଗଳବାର ୧୦ ବଖରା ଜଳିଯାଇଛି। ଆଗରପଡ଼ାରୁ ୨ଟି ଦମକଳ ପହଞ୍ଚି ନିଆଁକୁ ଲିଭାଇଥିଲା। ବିଦ୍ୟୁତ୍ ସର୍ଟ ଶର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ସ୍ଥାନୀୟ ସରପଞ୍ଚ କିଶୋର କିଙ୍କର ପଡ଼ିଆରୀ ବିପନ୍ନ ପରିବାରକୁ ୭ ଦିନ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ବନ୍ତ ତହସିଲଦାର ଇନ୍ଦିରା ସାହୁ ଓ ଛୟାଲସିଂହ ଆରଆଇ ପ୍ରତିମା ଦାସ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ ପଲିଥିନ ଯୋଗାଇ ଦେଇଛନ୍ତି। ଖବର ପାଇ ବିଜେଡି ରାଜ୍ୟ ସମ୍ପାଦକ ପ୍ରୟାସକାନ୍ତ ସାମଲ ବିପନ୍ନ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ବାସୁଦେବପୁର ବ୍ଲକ ଏଡ଼ତାଳ ଗ୍ରାମର ସୁବାସ ବାରିକ ଓ ବିନ ବାରିକଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡ଼ିଯାଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା।

### ଲକ୍ଷାଧିକ ଟଙ୍କାର କାଠ ଜବତ

ଯୋଡ଼ା/ଚମ୍ପୁଆ,୧୬।୩(ଡି.ଏନ୍.ଏ.): କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍ ଯୋଡା ଫରେଷ୍ଟ ସେକ୍ସନର ବସଷ୍ଟାଣ୍ଡ ନିକଟରୁ ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ ବୋଝେଇ ହୋଇଥିବା ଏକ ପିକଅପ୍ ଭ୍ୟାନ୍‌କୁ ଜବତ କରିବା ସହିତ ୩ଜଣଙ୍କୁ ଅଟକ ରଖିଛି। ଯୋଡ଼ା ଫରେଷ୍ଟର ଅନିରୁଦ୍ଧ ପଣ୍ଡାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବିଶ୍ୱସ୍ତ ଶୂତ୍ରରୁ ଖବର ପାଇ ଚମ୍ପୁଆ ରେଞ୍ଜର ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ଯୋଡା ଫରେଷ୍ଟର ଅନିରୁଦ୍ଧ ପଣ୍ଡା, ବାମେବାରୀ ଫରେଷ୍ଟର ଜତୀନ କୁମାର ସାହୁ, ଚମ୍ପୁଆ ଫରେଷ୍ଟର ପ୍ରମୋଦ ବେହେରା, ଫରେଷ୍ଟ ଗାର୍ଡ ନିଲମ ମହାନ୍ତ, ମାନସିଂ ମାରାଣ୍ଡି ସଦଳବଳେ ମଙ୍ଗଳବାର ଭୋର ସମୟରେ ଏହି ଚଢ଼ାଉ ହୋଇଥିଲା। ଫଳରେ ପିକ୍‌ଅପ୍‌ରେ ୫୨ଖଣ୍ଡ ଗମ୍ଭାରୀ ଓ ୭୨ଖଣ୍ଡ ଶାଗୁଆନ ପଟା ଜବତ କରିଥିଲେ।

### ରାଜ୍ୟସ୍ତରୀୟ କନିଷ୍ଠ ରେଡକ୍ରସ୍ ପ୍ରଶିକ୍ଷଣ

କେନ୍ଦୁଝର, ୧୬।୩(ଡି.ଏନ୍.ଏ./ସ୍ୱ.ପ୍ର.): କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରାଜ୍ୟସ୍ତରୀୟ କନିଷ୍ଠ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟ ସଭାଗୃହରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଜିଲା ଶାରୀରିକ ନିରୀକ୍ଷକ ସର୍ଦ୍ଦାର ବାରିକ, ରେଡକ୍ରସ୍ ଜିଲା ସମ୍ପାଦକ ଏ. ଆର. ଖାନ୍ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବ୍ଲକରୁ ୩୦ଜଣ କାଉନସିଲର ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଚାଲିବ। ଏହି କାର୍ଯ୍ୟକ୍ରମ ଜେଆରସି. ଅଫିସର ପ୍ରଶାନ୍ତ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

### ଜ୍ୟୋତିର୍ବିଜ୍ଞାନୀ, ଚିତ୍ରକଳା ଶିକ୍ଷକଙ୍କ ପରଲୋକ

କେନ୍ଦୁଝର, ୧୬।୩ (ସ୍ୱ.ପ୍ର.): ବିଶିଷ୍ଟ ଜ୍ୟୋତିର୍ବିଜ୍ଞାନୀ ତଥା ଅବସରପ୍ରାପ୍ତ ଚିତ୍ର କଳା ଶିକ୍ଷକ କୃଷ୍ଣଚନ୍ଦ୍ର ପଟ୍ଟନାୟକ(୮୧)ଙ୍କ ମଙ୍ଗଳବାର ହୃଦଘାତରେ ଦେହାନ୍ତ ହୋଇଛି। ସେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ଡି.ଏନ.ହାଇସ୍କୁଲରେ ଚିତ୍ରକଳା ଶିକ୍ଷକ ଭାବେ କାମ କରି ଅବସର ନେଇଥିଲେ।

# 'ଟେକ୍ନୋଲୋଜି, ସଚେତନତା ଦ୍ୱାରା ବନାଗ୍ନି ରୋକାଯିବ'

ବାରିପଦା ଅଫିସ,୧୬।୩

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗଠିତ ଟାସ୍କ ଫୋର୍ସ କମିଟିର ଦୁଇ ସଦସ୍ୟ ବନାଗ୍ନି ସମ୍ପର୍କରେ ଅନୁଧ୍ୟାନ କରିବାକୁ ମଙ୍ଗଳବାର ଶିମିଳିପାଳରେ ପହଞ୍ଚିଛନ୍ତି। କମିଟିର ଅଧ୍ୟକ୍ଷ ଡ.ସନ୍ଦୀପ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦସ୍ୟ ଜୟକୃଷ୍ଣ ପାଣିଗ୍ରାହୀ ଓ ଡ.ବିଜୟ ଅଗ୍ରୱାଲ ଅଭୟାରଣ୍ୟରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସହ ସ୍ଥିତି ସମୀକ୍ଷା କରୁଛନ୍ତି। ବନାଗ୍ନିର କାରଣ ଓ ନିରାକରଣ, ଅଗ୍ନି ନିର୍ବାପନର ସମୀକ୍ଷା, ପ୍ରଚଳିତ ଅଗ୍ନି ନିର୍ବାପକ ପ୍ରୋଟକଲ ଏବଂ ଜିଓମାଟ୍ରିକ ଆଧାରିତ ଅଗ୍ନି ସୂଚନା ବ୍ୟବସ୍ଥା ସମ୍ପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ. ଜଗଜୟାନନ୍ଦ, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ବନାଗ୍ନି ପରିଚାଳନା ଓ ପ୍ରତିରୋଧ କ୍ଷେତ୍ରରେ ଅଧିକରୁ ଅଧିକ ଗୋଷ୍ଠୀଙ୍କ ସମ୍ପୃକ୍ତି ପାଇଁ ଯୋଜନା ପ୍ରସ୍ତୁତ, ପ୍ରଭାବିତ ଅଞ୍ଚଳରେ ବନ୍ୟପ୍ରାଣୀ ଓ ଜୈବ ବିବିଧତାରେ କ୍ଷୟକ୍ଷତି ଆକଳନ କରାଯିବାର କାର୍ଯ୍ୟକ୍ରମ ରହିଛି। ନିଆଁ ପ୍ରାୟ ଆୟତ୍ତକୁ ଆସିଥିବା ବେଳେ ଆଗାମୀ ଦିନରେ ଟେକ୍ନୋଲୋଜି, ସଚେତନତା ଓ ପ୍ରୋତ୍ସାହନ ଦ୍ୱାରା ଜଙ୍ଗଲ ନିଆଁକୁ ସମ୍ପୂର୍ଣ୍ଣ ରୋକାଯାଇ ପାରିବ ବୋଲି ସଦସ୍ୟ ପାଣିଗ୍ରାହୀ କହିଛନ୍ତି।

ଜଙ୍ଗଲ ସୁରକ୍ଷା କମିଟି, ବନ ସୁରକ୍ଷା ସମିତି, ବେସରକାରୀ ସଂସ୍ଥା, ନିର୍ବାଚିତ ପ୍ରତିନିଧି, ଏସ୍‌ଏଚ୍‌ଜି, ସ୍ୱେଚ୍ଛାସେବୀ ଆଦି ଅଧିକ ଲୋକଙ୍କୁ ଯୋଡ଼ି ବନାଗ୍ନିକୁ ନିୟନ୍ତ୍ରଣ କରିବା ଓ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି କମିଟି ସଦସ୍ୟ କହିଛନ୍ତି। ଆଗାମୀ ଦିନରେ ଏସ୍‌ଓପିକୁ ଅଧିକ କାର୍ଯ୍ୟକାରୀ କରାଯିବା ନେଇ ଦୃଷ୍ଟି ଦିଆଯିବ ଓ ସମ୍ମିଳିତ ଭାବେ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟି ସଦସ୍ୟ ସୂଚନା ଦେଇଛନ୍ତି। ୨୬ହଜାର ୫ଶହ ଗ୍ରାମ ବିଭିନ୍ନ ଜଙ୍ଗଲ ଚାରିପଟେ ରହିଥିବା ବେଳେ ସେଥିମଧ୍ୟରୁ ୫ହଜାର ହଟ୍‌ସ୍ପଟ ସ୍ଥାନରେ ନିଆଁ ଲାଗୁଛି। ଏହି ସବୁ ସ୍ଥାନଗୁଡ଼ିକରେ ବୈଷୟିକ ଜ୍ଞାନ କୌଶଳର ବିକାଶ କରାଯାଇ ଲୋକଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ଜଙ୍ଗଲରେ ନିଆଁ ଲାଗିଲେ ସାଟେଲାଇଟ ତଥ୍ୟ ଆସିବା ପୂର୍ବରୁ ସେମାନେ ଯଥାଶୀଘ୍ର ବନବିଭାଗ ସହାୟତାରେ ନିଆଁକୁ ଆୟତ୍ତ କରିପାରିବେ କମିଟି ସଦସ୍ୟ କହିଛନ୍ତି।

**ଶିମିଳିପାଳରେ ଟାସ୍କ ଫୋର୍ସ କମିଟି ସଦସ୍ୟ**



ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟରେ ଟାସ୍କ ଫୋର୍ସ କମିଟିର ସଦସ୍ୟ।

## କାରାଗାରରେ ୩୮ ଅନ୍ତେବାସୀ ନେଲେ କୋଭିଡ୍ ଟିକା

କେନ୍ଦୁଝର, ୧୬।୩(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା କାରାଗାରର ୩୮ଜଣ ଅନ୍ତେବାସୀ ମଙ୍ଗଳବାର କୋଭିଡ୍ ଟିକା ନେଇଥିବା ଜେଲ ସୂତ୍ରରୁ ସୂଚନା ମିଳିଛି। ୬୦ବର୍ଷରୁ ଉର୍ଦ୍ଧ୍ୱ ୨୮ଜଣ ଅନ୍ତେବାସୀଙ୍କୁ ଟିକାକରଣ କରାଯାଇଥିବାବେଳେ ୪୫ ବର୍ଷରୁ ୬୦ ବର୍ଷ ପର୍ଯ୍ୟନ୍ତ ଜଟିଳ ରୋଗରେ ଆକ୍ରାନ୍ତ ୧୦ଜଣ ଅନ୍ତେବାସୀଙ୍କୁ ଟିକାକରଣ କରାଯାଇଛି। ଏହି ଟିକା ପ୍ରଦାନ ସମୟରେ କେନ୍ଦୁଝର ଜେଲ ଅଧୀକ୍ଷକ କୁଅଁର ମାରାଣ୍ଡି, ଜେଲର ଅମୀୟ କୁମାର ବେହେରାଙ୍କ ସମେତ ବୈଲୋଚନ ଦାସ, କାରାମଙ୍ଗଳ ଅଧିକାରୀ ପୂଜା ନାୟକ, ଜେଲ ଡାକ୍ତର ପୁରୁଷୋତ୍ତମ ପ୍ରଧାନ, ଫାର୍ମାସିଷ୍ଟ ଶଶାଙ୍କ ଶେଖର ତ୍ରିପାଠୀ ଏବଂ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ କରୋନା ଟିକା ପ୍ରଦାନରେ ସହଯୋଗ କରିଥିଲେ।

## ଶ୍ରୀରାମ ନବମୀରେ ସାମିଲ ହେବ ୧୦୦ରୁ ଉର୍ଦ୍ଧ୍ୱ ମେଢ଼

ଭଦ୍ରକ ଅଫିସ,୧୬।୩

ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବର ଅବ୍ୟବହିତ ପୂର୍ବରୁ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ନୂଆବଜାର ସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନର କରୋନା ନିୟମାବଳୀ ମଧ୍ୟରେ ରହି ଚଳିତ ବର୍ଷର ଏହି ମହୋତ୍ସବ ପାଳନ ହେବ ବୋଲି ସଭାପତି ବରିଷ୍ଠ ଆଇନଜୀବୀ ରାୟ ରାମାନନ୍ଦ ମହାପାତ୍ର ପ୍ରକାଶ କରିଛନ୍ତି। ଚଳିତ ବର୍ଷ ୧୦୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମେଢ଼ ନଗର ଶୋଭାଯାତ୍ରାରେ ସାମିଲ ହେଉଥିବା ସଭାପତି ମହାପାତ୍ର ସୂଚନା ଦେଇଛନ୍ତି। ଏପ୍ରିଲ ମାସ ୪ ତାରିଖରେ ମାତୃଭୂମି ପାଇଁ ଗଣଦୌଡ଼ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୧ତାରିଖ ଦିନ ରାଷ୍ଟ୍ରୀୟ ନବବର୍ଷ, ଗୋ ପୂଜନ, ସନ୍ଥପୂଜନ କାର୍ଯ୍ୟକ୍ରମ ସହର ନିକଟସ୍ଥ ରାମନବମୀ ବେତଡ଼ା ଠାରେ ଆୟୋଜିତ ହେବ। ଏପ୍ରିଲ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଗାନ୍ଧୀପଡ଼ିଆରେ ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏପ୍ରିଲ ୧୯ରେ ମାତୃଶକ୍ତି ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା, ବିଭିନ୍ନ ଦେବାଦେବୀଙ୍କ ପୀଠରୁ ଆଜ୍ଞାମାଳ ଯାତ୍ରା ଓ ଶ୍ରୀରାମ ନବମୀ ଯଜ୍ଞାରମ୍ଭ ହେବ। ୨୦ ତାରିଖ ମଙ୍ଗଳବାର ୧୦୮ ହନୁମାନ ଚାଳିଶା ପାଠ ଯଜ୍ଞ ମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ଶେଷରେ ଏପ୍ରିଲ ୨୧ ତାରିଖ ବୁଧବାର ଯଜ୍ଞର ପୂର୍ଣ୍ଣାହୁତି ହେବା ସହ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଜିଲାର ସମସ୍ତ ବର୍ଗର ଶ୍ରୀରାମ ଭକ୍ତଙ୍କୁ ସାମିଲ କରିବା ଦିଗରେ ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତିର ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ରାଉତ, ବରିଷ୍ଠ ଉପଦେଷ୍ଟା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ନିରଞ୍ଜନ ସାହୁ, ଭଗବାନ ପଣ୍ଡା, ତପନ ମହାନ୍ତି, ଅଭିମନ୍ୟୁ ସେଠୀ, ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗଣମାଧ୍ୟମ ସଂଯୋଜକ ସ୍ୱାଧୀନ ସୁନ୍ଦର ଦାସ, ଦେବାଂଶୁ ରାଉତ, ସରୋଜ ରାଉତ, ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆକ୍ରମଣ ମାମଲା: ଦମ୍ପତିଙ୍କୁ ୨ ବର୍ଷ ଜେଲ ସହ ଜରିମାନା

ଭଦ୍ରକ ଅଫିସ,୧୬।୩

ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ଗ୍ରାମର ଦମ୍ପତି ବିରଞ୍ଚି ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ଜମ୍ବୁବତୀଙ୍କୁ ୨ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ଉଲ୍ଲେଖ ରହିଛି। ୨୦୧୮ ଜାନୁୟାରୀ ୧୪ ତାରଖରେ ଭଣ୍ଡାରିପୋଖରୀ ମଞ୍ଜୁରୀ ଗ୍ରାମର ବନମାଳି ବିଶ୍ୱାଳଙ୍କ ପୁଅ ମନୋଜ ନିଜ ନଳକୂପରୁ ପାଣି ଆଣୁଥିବା ବେଳେ ବିରଞ୍ଚି ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ଜମ୍ବୁବତି ପାରିବାରିକ ପୂର୍ବ ଶତ୍ରୁତାକୁ ନେଇ କତାରେ ତାଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ମନୋଜ ଗୁରୁତର ହୋଇ ପ୍ରଥମେ ଭଣ୍ଡାରିପୋଖରୀ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲେ। ମନୋଜଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୨୦/୧୮) ରୁଜୁ କରି ଉଭୟ ଦମ୍ପତିଙ୍କୁ ଗିରଫ କରିଥିଲା। ସେମାନେ ଗିରଫ ପରେ ଜାମିନରେ ଥିଲେ। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

## କବି କବିତା ମହାକୁମ୍ଭ


ଅତିଥିଙ୍କ ଗହଣରେ ସମ୍ମାନିତ କବୟିତ୍ରୀ ଓ କବିମାନେ।

ସିମୁଳିଆ, ୧୬।୩(ଡି.ଏନ.ଏ.)

କବି ଓ କବିତାକୁ ନେଇ ଗଠିତ ସିମୁଳିଆର ସାହିତ୍ୟ ଅନୁଷ୍ଠାନ 'ସୃଜନ ଶ୍ରୀକ୍ଷେତ୍ର' ଦ୍ୱାରା ସପ୍ତମ ବାର୍ଷିକ କବି କବିତା ମହାକୁମ୍ଭ ସିମୁଳିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁଧୀର କୁମାର ସିଂ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସୃଜନ ଶ୍ରୀକ୍ଷେତ୍ରର ଅଧ୍ୟକ୍ଷ ମହେନ୍ଦ୍ର ପ୍ରସାଦ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳର ୫୧ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ କବି ତଥା ପ୍ରାଧ୍ୟାପକ ଡ.ଅବନୀ ପ୍ରଧାନ ମୁଖ୍ୟଅତିଥି, କବି ପଦ୍ମଲୋଚନ ଦାଶ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। କବି ତାନଶ୍ରୀ ପାଣିଗ୍ରାହୀ, କଳ୍ପନା ପାଢୀ ଓ ରବିକୁମାର ମହାନ୍ତି କବିତାଗୁଡିକୁ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ଦ୍ୱିତୀୟ ଅଧିବେଶନ ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋକୁଳାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ.ହରିଶଚନ୍ଦ୍ର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ରୂପେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳିପଦ ପଣ୍ଡା ପ୍ରତ୍ୟେକ କବିମାନେ ପୂର୍ବଜଙ୍କ କବିତା ପଢିବା ଉଚିତ ବୋଲି କହିଥିଲେ। ବିଶିଷ୍ଟ ଅତିଥି ରୂପେ ଭଦ୍ରକ ସାହିତ୍ୟ ପରିଷଦ ସଭାପତି ଡ. ରାଧାରାଣୀ ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ କବି ସଦାନନ୍ଦ ପାଣିଗ୍ରାହୀଙ୍କୁ କବିତା ସମ୍ମାନ, କବି ଡ.ରଶ୍ମିତା ପାଣିଗ୍ରାହୀଙ୍କୁ ପ୍ରତିଭା ସମ୍ମାନ ଓ ରେବତୀର ସମ୍ପାଦିକା ସୁବାସିନୀ ଜେନାଙ୍କୁ କବି କବିତା ମହାକୁମ୍ଭ ସମ୍ମାନ ପ୍ରଦାନ କରାଯାଇଥିଲା।

## ସମସ୍ତ ଥାନାକୁ ଅତ୍ୟାଧୁନିକ ଗାଡ଼ି ପ୍ରଦାନ ଦାବି


ୟୁଥ ଫର କେନ୍ଦୁଝର ସଂଗଠନର କର୍ମକର୍ତ୍ତାମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

କେନ୍ଦୁଝର,୧୬।୩ (ସ୍ୱ.ପ୍ର./ଡି.ଏନ.ଏ.)

ଖଣିଖାଦାନ ଭରା କେନ୍ଦୁଝର ଜିଲାକୁ ଦୈନିକ ବାହାର ରାଜ୍ୟର ଲୋକମାନେ କାମ ଧନ୍ଦା, ବ୍ୟବସାୟ ଆଦି କରିବାକୁ ଆସୁଥିବା ବେଳେ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଭାବେ ରହୁଛନ୍ତି। ଜିଲାରେ ଚୋରି, ଡକାୟତି, ଲୁଟ, ହତ୍ୟା, ଦୁର୍ଘଟଣା ଆଦି ଅପରାଧ ଘଟୁଛି। ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ ଲାଗି ରହିଥିବାରୁ ଏହାର ସୁଯୋଗ ନେଇ ବାହାର ରାଜ୍ୟର ଅପରାଧୀ ମାନେ ଏଠାରେ ଅପରାଧ ଘଟାଇ ଫେରାର ହୋଇ ଚାଲିଯାଉଛନ୍ତି। ଏଣୁ ପୋଲିସ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସମସ୍ତ ଥାନାକୁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଅତ୍ୟାଧୁନିକ ଗାଡି ଯୋଗାଇଦେବାକୁ ଜିଲାର ୟୁଥ ଫର କେନ୍ଦୁଝର ନାମକ ଏକ ସଂଗଠନ ଜିଲାପାଳ ଓ ଏସ୍‌ପିଙ୍କୁ ନିବେଦନ କରିଛନ୍ତି। ଏହାଦ୍ୱାରା ଅପରାଧ ନିୟନ୍ତ୍ରଣରେ ସହାୟକ ହୋଇ ପାରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ଅବକାରୀ ଚଢ଼ାଉ, ୫ ଗିରଫ

ଖୁଣ୍ଟା,୧୬।୩(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ ମହିଳାଙ୍କ ସମେତ ୫ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୩ ଲିଟର ଦେଶୀ ଓ ୩.୬୦୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କନ୍ଦଳିଆ ଗ୍ରାମର କାପୁରା ହାଁସଦା, କୁସୁମଘାଟି ଗ୍ରାମର ବେଣୁଧର ବେହେରା, ମହୁଲିଆ ଗ୍ରାମର ପରମାନନ୍ଦ ପାତ୍ର ,ବନମାଳି ଗୁଡ଼ୁ ଓ ମଞ୍ଜୁଲତା ପାତ୍ର।

## ଇସ୍ପାତ ଶିଳ୍ପ ପ୍ରତିଷ୍ଠା ଦାବିରେ କଂଗ୍ରେସର ବିକ୍ଷୋଭ

ପାଟଣା,୧୬।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଓ ସାହାରପଡା ବ୍ଲକ ସମ୍ମୁଖରେ ମଙ୍ଗଳବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ କେନ୍ଦୁଝର ଜିଲାରେ ବୃହତ୍ତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା , କେନ୍ଦ୍ର ସରକାରଙ୍କ ୩ କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ବିକ୍ଷୋଭ ହୋଇଛି। ଏହି ବିକ୍ଷୋଭରେ ବ୍ଲକ କଂଗ୍ରେସ କମିଟି ସଭାପତି ଶତ୍ରୁଘ୍ନ ସିଂ, ପାଟଣା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ .ବିନୋଦ ବିହାରୀ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ ପ୍ରମୁଖ ନେତା ମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ କାର୍ଯ୍ୟକ୍ରମକୁ ସମାଲୋଚନା କରି ଏବିଡିଓ ପ୍ରଫୁଲ୍ଲ କୁମାର ନାୟକଙ୍କୁ ଜିଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନୁରୂପ ଭାବେ ସାହାରପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ କମିଟିର ତରଫରୁ ସମାନ ଢଙ୍ଗରେ ପ୍ରତିବାଦ କରାଯାଇଥିଲା। ଏହି ପ୍ରତିବାଦ ଓ ବିକ୍ଷୋଭ ସାମାବେଶରେ ବ୍ଲକ କଂଗ୍ରେସ କମିଟି ସଭାପତି ମୁକୁନ୍ଦ ମହାନ୍ତ, ଯୁବନେତା ଇଂ ବିନୋଦ ବିହାରୀ ନାଏକ, ବିରଭଦ୍ର ମହାନ୍ତ, ମାନସିଂମୁଣ୍ଡା ଓ ଶିବ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଜଙ୍ଗଲରେ ନିଆଁ ଲଗାଉଥିବା ଯୁବକ ଗିରଫ

ବାରିପଦା ଅଫିସ,୧୬।୩

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଭୟାରଣ୍ୟରେ ନିଆଁ ଲଗାଉଥିବା ଜଣେ ଯୁବକଙ୍କୁ ବନବିଭାଗ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କପ୍ତିପଦା ରେଞ୍ଜ ହରିଡ଼ାବୁଆ ଅଞ୍ଚଳର ମାନସ ସିଂ। ସୋମବାର ବିଳମ୍ବିତ ରାତିରେ ମାନସ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ବନକର୍ମଚାରୀମାନେ ତାଙ୍କୁ କାବୁ କରିବା ସହ ନିଆଁକୁ ଲିଭାଇଥିଲେ।

## 'ଉତ୍ତରଣର ଉପପାଦ୍ୟ' ଓ 'ପିଲାଙ୍କ ଜୀବନ ବର୍ଣ୍ଣବୋଧ' ଲୋକାର୍ପିତ




ଭୁବନେଶ୍ୱର,୧୬।୩(ବ୍ୟୁରୋ)

ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳଙ୍କ ଦୁଇଟି ପୁସ୍ତକ ''ଉତ୍ତରଣର ଉପପାଦ୍ୟ'' ଓ ''ପିଲାଙ୍କ ଜୀବନ ବର୍ଣ୍ଣବୋଧ'' ଲୋକାର୍ପିତ ହୋଇଛି। ପୁସ୍ତକ ଦ୍ୱୟରେ ପ୍ରତିଫଳିତ ହୋଇଛି ଜୀବନର ଉତ୍ତରଣର ନାନାବିଧ ଉପାୟ ସହ ଭାରତର ମୌଳିକ ଜୀବନ ଦର୍ଶନ। ଭୁବନେଶ୍ୱରସ୍ଥ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଖ୍ୟାତି ସମ୍ପନ୍ନ ଚିକିତ୍ସକ ଅଶୋକ ମହାପାତ୍ର, ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଓ 'ସୁବାର୍ତ୍ତା'ର ସମ୍ପାଦକ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗଦେଇ ଭିନ୍ନ ସ୍ୱାଦର ଏହି ପୁସ୍ତକ ଦୁଇଟିର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ।

## ପାଣି ପାଇଁ ରାସ୍ତା ଅବରୋଧ

ବାରିପଦା ଅଫିସ,୧୬।୩

ବଡ଼ସାହି ବ୍ଲକ ଟିକାୟତପୁର ଓ ଚାଉଳିଆଶୋଳ ଗ୍ରାମବାସୀ ପାଇପ ପାଣି ଯୋଗାଣ ବନ୍ଦ ପ୍ରତିବାଦରେ ମଙ୍ଗଳବାର କେରକୋ ଛକରେ ବାରିପଦା-ଉଦଳା ରାସ୍ତା ଅବରୋଧ କରିଥିଲେ। ଲୋକେ ବାଲ୍‌ଟି, ଗରା ଧରି ବସିବା ସହିତ ବିକ୍ଷୋଭ କରିଥିଲେ। ଫଳରେ ୧ ଘଣ୍ଟା ଧରି ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ହାଁସଦା, ସରପଞ୍ଚ ଶାନ୍ତନୁ ସିଂ, ଓ ଥାନାଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ଲୋକଙ୍କ ସହ ଆଲୋଚନା କରିଥିଲେ।

# ସମିତି ଆଗରେ ବିଷ ବୋତଲ ଧରି ଆନ୍ଦୋଳନ

ବାସୁଦେବପୁର,୧୬।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ସମେତ ନାୟକାଣିଡ଼ିହୀ ସେବା ସମବାୟ ସମିତି ଅଧୀନରେ ଥିବା ଶତାଧିକ ଚାଷୀ ଧାନ ବିକ୍ରି କରି ନ ପାରି ନିରାଶ ହୋଇପଡ଼ିଛନ୍ତି। ଏହାର ପ୍ରତିବାଦରେ ପୌରପାଳିକାର ଚାଟେରୀ ଛକସ୍ଥିତ ମୁଖ୍ୟରାସ୍ତାରେ ଧାନବସ୍ତା ରଖି ଶତାଧିକ ଚାଷୀ ମଙ୍ଗଳବାର ରାସ୍ତା ଅବରୋଧ କରିଥିଲେ। ଫଳରେ ଦିନତମାମ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ସେହିପରି ନାୟକାଣିଡ଼ିହୀ ସେବା ସମବାୟ ସମିତିରେ ଧାନକ୍ରୟ ହୋଇପାରୁ ନ ଥିବାରୁ ଚାଷୀମାନେ ସମିତି କାର୍ଯ୍ୟାଳୟରେ ସୋମବାରଠାରୁ ତାଲା ପକାଇ ହାତରେ ବିଷ ବୋତଲ ଧରି ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଛି।

ବାସୁଦେବପୁର ପୌରପାଳିକା ଅଞ୍ଚଳର ଶନିଦେବ ଗୋଷ୍ଠୀକୁ ଧାନକ୍ରୟ ପାଇଁ ଅନୁମତି ମିଳିଛି। ଚାଷୀଙ୍କୁ ଟୋକନ ମିଳିଥିବା ବେଳେ ଟାର୍ଗେଟ ଆସୁ ନ ଥିବାରୁ ସେମାନେ ଧାନ ଦେଇପାରୁନାହାଁନ୍ତି। ଫଳରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ଏଥିରେ କଂଗ୍ରେସ ଦଳର ପୂର୍ବତନ ଜିଲା ସଭାପତି ଅଶୋକ ଦାସ, ଭାଜପାର ଜିଲା ଉପସଭାପତି ଉଦୟ ନାରାୟଣ ମଲିକ ପ୍ରମୁଖ ସାମିଲ ହୋଇ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ଖବରପାଇ ବାସୁଦେବପୁର ଥାନା ଆଇଆଇସି ଗୌରାଙ୍ଗ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ନାୟକାଣିଡିହୀ ସେବା ସମବାୟ ସମିତି ଅଧୀନ ୧୭୦ ଜଣ ଚାଷୀଙ୍କୁ ଟୋକନ ମିଳିଥିବା ବେଳେ ୫ ହଜାର କୁଇଣ୍ଟାଲ ଧାନ ଅନ୍‌ଲାଇନରୁ କଟିଯାଇଛି। ୭ ହଜାର କୁଇଣ୍ଟାଲ ଧାନକ୍ରୟ ପାଇଁ ଚାଷୀଙ୍କୁ ଟୋକନ ମିଳିଥିବା ବେଳେ ଟାର୍ଗେଟ ନ ଥିବାରୁ ଏହା କଟିବାକୁ ବସିଲାଣି। ଏହାର ପ୍ରତିବାଦରେ ଚାଷୀ ପୀତବାସ ଖିଲାର, କଲୋଳ କୁମାର ବନ୍ଧ, ସନ୍ତୋଷ ନାୟକ, ପ୍ରମୋଦ ବିଶ୍ୱାଳ ପ୍ରମୁଖ ସମିତି ଆଗରେ ବିଷ ବୋତଲ ରଖି ଧାରଣାରେ ବସିଛନ୍ତି।



ଧାନବସ୍ତା ରଖି ଚାଷୀ ରାସ୍ତା ଅବରୋଧ କରିଛନ୍ତି।

- ରାସ୍ତାରେ ଧାନବସ୍ତା ରଖିଲେ ଚାଷୀ
- ବାସୁଦେବପୁରରେ ହୋଇପାରୁନି ଧାନବିକ୍ରି

## ଉପନିବନ୍ଧକ ଦାୟିତ୍ୱରେ ଅତିରିକ୍ତ ତହସିଲଦାର

ଖଇରା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଉପ-ନିବନ୍ଧକ ପଦବୀ ୨ବର୍ଷ ଧରି ଖାଲି ପଡିବା ପରେ ମଙ୍ଗଳବାର ଖଇରା ତହସିଲର ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବରୁ ଅତିରିକ୍ତ ତହସିଲଦାର ବିଭାସ ରଞ୍ଜନ ପାଣିଗ୍ରାହୀଙ୍କ ୨୦୧୯ ମସିହାରେ ବଦଳି ପରେ ଏହି ପଦବୀ ଖାଲି ପଡିଥିଲା ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ଭାଜପା ପକ୍ଷରୁ କରୋନା ଟିକାକରଣ ସହାୟତା କେନ୍ଦ୍ର ଉଦ୍‌ଘାଟନ । ସ୍ଥାନ: ସୁନହଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ସମୟ: ପୂର୍ବାହ୍ନ ୧୧ଟା ।
- ଶିଳ୍ପ ସଚେତନତା କାର୍ଯ୍ୟକ୍ରମ । ସ୍ଥାନ: ସିମୁଳିଆ ଆଇଟିଆଇ । ସମୟ: ପୂର୍ବାହ୍ନ ୧୧ଟା ।

ଭଦ୍ରକ

- ଚକ୍ଷୁ ପରୀକ୍ଷା ଶିବିର । ସ୍ଥାନ: ହନୁମାନଜୀ ଉପ୍ରା ବିଦ୍ୟାଳୟ, ବରାଳପୋଖରୀ, ଭଦ୍ରକ । ସମୟ: ପୂର୍ବାହ୍ନ ୮ଟାରୁ ଅପରାହ୍ନ ୩ଟା ।

# ୨ ଅଭିଯୁକ୍ତ ଅଟକ, ବନ୍ଧୁକ ଜବତ

## ଟ୍ରଲର ମାଲିକଙ୍କୁ ହତ୍ୟା ଘଟଣା

ବାଲେଶ୍ୱର ଅଫିସ, ୧୬।୩

ବାଲେଶ୍ୱର ଜିଲା ମେରାଇନ ଥାନା ଅଧୀନ ବଳରାମଗଡ଼ି ନିକଟ ନାଉପାଳଗଡ଼ିରେ ଗତ ସୋମବାର ଅପରାହ୍ନରେ ଟ୍ରଲର ମାଲିକ ବିଜୟ କୁମାର ପ୍ରଧାନଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ମୃତକଙ୍କ ଭାଇ ଅଜୟ କୁମାର ପ୍ରଧାନଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ମେରାଇନ୍ ଥାନାରେ ଆଇପିସି ୩୦୨, ୩୪ (ଆର୍ମ ଆକ୍ଟ ୧୯୬୫) ୨୫ ଓ ୨୭ ଦଫାରେ ମାମଲା (ନଂ. ୩/୨୧) ରୁଜୁ କରାଯାଇଛି । ଏହି ଘଟଣାରେ ଚାନ୍ଦିପୁର ଥାନା ମୀର୍ଜାପୁର ଅଞ୍ଚଳର ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି । ଗୁଳିକାଣ୍ଡରେ ବ୍ୟବହୃତ ହୋଇଥିବା ବନ୍ଧୁକକୁ ଜବତ କରାଯାଇଛି ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ପୂର୍ବଶତ୍ରୁତାକୁ ନେଇ ଗୁଳିକାଣ୍ଡ ଘଟିଛି । ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତ ରହିଛି । ଧରାପଡ଼ିଥିବା ଅଭିଯୁକ୍ତମାନେ ପୂର୍ବରୁ ବିଭିନ୍ନ ଅପରାଧ ଘଟାଇ ଜେଲ୍ ଯାଇଥିବା ବେଳେ ସେମାନଙ୍କ ନାମରେ ଥାନାରେ ଅନେକ ମାମଲା ରହିଛି । ଅନ୍ୟ ଅପରାଧୀମାନଙ୍କୁ ଧରିବା ପାଇଁ ଡିଏସ୍‌ପି ସ୍ତରରେ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଜିଲାରେ ଦିନକୁ ଦିନ ବଢୁଥିବା ଅପରାଧକୁ ଆଖି ଆଗରେ ରଖି ଜିଲାସ୍ତରୀୟ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ବାରମ୍ବାର ଅପରାଧ ଘଟାଇ ଚାଲିଥିବା ଅପରାଧୀଙ୍କ ଉପରେ ନଜର ରଖି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି ।

## ଅପରାଧୀଙ୍କ ଭୂସ୍ୱର୍ଗ ପାଲଟିଛି ବାଲେଶ୍ୱର: ଭାଜପା

ଜିଲାରେ ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି । ସହରରେ ଦିନକୁ ଦିନ ଲୁଟ୍ ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ଗତ ଦୁଇ ଦିନ ମଧ୍ୟରେ ବାଲେଶ୍ୱରରେ ଦୁଇ ଥର ଗୁଳି ଫୁଟିବା ଯୋଗୁ ବାଲେଶ୍ୱରବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଏହା ପୋଲିସ ପ୍ରଶାସନର ନିଷ୍କ୍ରିୟତାକୁ ସ୍ପଷ୍ଟ କରୁଛି ବୋଲି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

ଜିଲା ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ଅପରାଧକୁ କାବୁ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ।

ଆଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ହାତରେ ଗୃହ ବିଭାଗ ରହିଛି । ଗତ ଉପନିର୍ବାଚନରେ ବାଲେଶ୍ୱର ନିର୍ବାଚନମଣ୍ଡଳୀର ଅଧିବାସୀଙ୍କ ଦାୟିତ୍ୱ ଖୋଦ୍ ମୁଖ୍ୟମନ୍ତ୍ରୀ ନେବାର ଭରସା ଦେବା ପରେ ଲୋକେ ତାଙ୍କର ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଇଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ବାଲେଶ୍ୱରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମୀକ୍ଷା କରନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି । ଏହାର ନିରାକରଣ ପାଇଁ ରାଜ୍ୟ ସରକାର କୌଣସି ଠୋସ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ବାଲେଶ୍ୱର ବନ୍ଦ ଡାକରା ଦେବା ସହ ସହରର ସୁରକ୍ଷା ପାଇଁ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଦତ୍ତ ଚେତାବନୀ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ସିପ୍ରା ବାଜପେୟୀ, ଗୌରାଙ୍ଗ ଦାସ, ସତ୍ୟଜିତ ମିଶ୍ର, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ଅରୁପ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ବାଲିଆପାଳ, ୧୬।୩(ସ୍ୱ.ପ୍ର)

ବାଲେଶ୍ୱର ଜିଲା ସିଂଲା ଥାନା ବାୟା ଗ୍ରାମର ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଛନ୍ତି । ତାଙ୍କୁ ହତ୍ୟା କରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି । ଉକ୍ତ ମହିଳାଙ୍କ ଦୁଇ ସନ୍ତାନ ଅଛନ୍ତି ।

### ହତ୍ୟା ଅଭିଯୋଗ ଆଣିଲେ ବାପ ଘର ଲୋକେ

ବାୟା ଗ୍ରାମର ଜୟନ୍ତ ପାଣିଗ୍ରାହୀଙ୍କ ସହିତ ବାଲିଆପାଳ ଥାନା ପଞ୍ଚୁରୁଖି ଗ୍ରାମର ପୂର୍ଣ୍ଣିମା ପଣ୍ଡାଙ୍କ ୬ବର୍ଷ ତଳେ ବୈଦିକ ରୀତିରେ ବିବାହ ହୋଇଥିଲା । ତେବେ ବାହାଘରଠାରୁ ଝିଅକୁ ବାରମ୍ବାର ନିର୍ଯାତନା ଦିଆଯାଉଥିବା ବେଳେ ଉଭୟ ପକ୍ଷ ଥାନାରେ ବସି ସମାଧାନ ହୋଇଥିଲା ।ତେବେ ଜୟନ୍ତ ରାଜସ୍ଥାନରେ ରହି କାମ କରୁଥିଲେ । ପୂର୍ଣ୍ଣିମା ଦୁଇ ପିଲାଙ୍କୁ ଧରି ଶ୍ୱଶୁର ଘରେ ରହିଆସୁଥିଲେ । ସୋମବାର ପୂର୍ଣ୍ଣିମା ବିଷ ପିଇ ବସ୍ତା ମେଡ଼ିକାଲରେ ଥିବା ବାପଘର ଲୋକେ ଖବର ପାଇଥିଲେ । ବାପା ଭାଇ ବସ୍ତା ହସ୍‌ପିଟାଲରେ ପହଞ୍ଚିବା ପରେ ଝିଅର ମୃତଦେହ ପଡିଥିବା ଦେଖିଥିଲେ ।

ତେବେ ମେଡ଼ିକାଲରୁ ଶାଶୁଘର ଲୋକେ ଫେରାର ହୋଇଯାଇଥିବା ଜାଣି ବାପ ଘର ଲୋକେ ସିଂଲା ଥାନାରେ ଝିଅକୁ ମାରିଦେଇଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ଏକ ମାମଲା (ନଂ. ୬୨/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ସଂକ୍ଷେପରେ

### ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

ରାଇରଙ୍ଗପୁର,୧୬।୩(ଡି.ଏନ.ଏ): ଘରୋଇକରଣ ପ୍ରତିବାଦରେ ଦେଶବ୍ୟାପି ଚାଲିଥିବା ୨ଦିନିଆ ବନ୍ଦ ଡାକରାକୁ ସମର୍ଥନ କରି ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ ସମେତ ବିଭିନ୍ନ ବ୍ଲକ୍ ଅଞ୍ଚଳର ଜାତୀୟକରଣ ବ୍ୟାଙ୍କର ଅଫିସର୍ସ ଏବଂ କର୍ମଚାରୀମାନେ ଧର୍ମଘଟ କରିଛନ୍ତି। ରାଇରଙ୍ଗପୁର ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏବଂ ବ୍ୟାଙ୍କଅଫ ବରୋଦା ସମେତ ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ଅଫିସର୍ସ ଏବଂ କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇଥିଲେ। ମେଘରାୟ ମାରାଣ୍ଡି, ପ୍ରଭାସ ଦାସ, ବ୍ୟାଙ୍କ କର୍ମଚାରୀ ସଂଘର ପ୍ରାକ୍ତନ ସମ୍ପାଦକ ଦେବବ୍ରତ ପଟ୍ଟନାୟକ, ସୀତାକାନ୍ତ ମହାନ୍ତ, ରଜତ କୁମାର ନନ୍ଦ, ଶଙ୍କର ବେହେରା, ପ୍ରିୟଦର୍ଶିନୀ ମୁର୍ମୁ, ହରିହର ଟୁଡୁ ଏବଂ ପ୍ରବୀଣ ଭାସ୍କରଙ୍କ ନେତୃତ୍ୱରେ ବିଭିନ୍ନ ଜାତୀୟକରଣ ବ୍ୟାଙ୍କର ଅଫିସର୍ସ ଏବଂ ମହିଳା ପୁରୁଷ କର୍ମଚାରୀଗଣ ଧର୍ମଘଟରେ ସାମିଲ ହୋଇଥିଲେ ।

### ଜିଲା କୃଷି ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ ଅଫିସ,୧୬।୩: ରାଜ୍ୟସ୍ତରୀୟ କୃଷି ଓଡ଼ିଶା-୨୦୨୧ ମହୋତ୍ସବକୁ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବର ଭର୍ଚୁଆଲ ଭିଡିଓ ପ୍ରସାରଣ କରାଯାଇଥିଲା। ଏହି ଅବସରରେ ଭଦ୍ରକ ଜିଲା ବାଗୁରାଇ ସ୍ଥିତ ଜିଲା କୃଷି କାର୍ଯ୍ୟାଳୟ ପରିସରରେ ଜିଲା କୃଷି ମହୋତ୍ସବ-୨୦୨୧ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଜଗନ୍ନାଥ ନନ୍ଦ ଯୋଗଦେଇ ଏହି ମହୋତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ। ମହୋତ୍ସବରେ ସ୍ଥାନିତ ଷ୍ଟଲ ଗୁଡ଼ିକ ସାହାଯ୍ୟରେ ଏହାର ଉପାଦେୟତା ଚାଷୀମାନେ ଗ୍ରହଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ମହୋତ୍ସବ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଥିଲା। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବହୁ କୃଷି ବିଭାଗୀୟ ଅଧିକାରୀଙ୍କ ସମେତ ଚାଷୀମାନେ ଯୋଗ ଦେଇଥିଲେ।

### ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ବନ୍ଧୁମିଳନ

ବାହାନଗା, ୧୬।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଏକ ବନ୍ଧୁମିଳନ ଓଡୁଶାଳ ପଞ୍ଚାୟତର ଗୁଲୁପୁର ଗ୍ରାମରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ୪ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ମୁଖ୍ୟମନ୍ତ୍ରୀ ସମାଜରେ କଳାକାରଙ୍କ ପରିଚୟ ସୃଷ୍ଟି କରାଇପାରିଛନ୍ତି ବୋଲି ପ୍ରକାଶ କରିଥିଲେ। ଜିଲା ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଂଯୋଜକ ଜ୍ୟୋତି ପ୍ରକାଶ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କଳାକାର ସୁଧାକର ନାୟକ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଓଡଶାଳ ପଞ୍ଚାୟତର ସରପଞ୍ଚ ଆରତୀ ଦଳେଇ, ବ୍ଲକ ସଂଯୋଜକ ପୀତାମ୍ବର ବେହେରା, ବିଜେଡି ମହିଳା ବ୍ଲକ ସଭାପତି ସବିତା ଅଗସ୍ତି, ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ବାହାନଗା ବ୍ଲକ ସଂଯୋଜିକା ସୁମିତ୍ରା ସାହୁ, ସୋର ବ୍ଲକ ସଂଯୋଜିକା ଅନୀତା ମହାରଣା, ଅନିରୁଦ୍ଧ ବାରିକ, ନିଳାମ୍ବର ମହାଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୋର ବ୍ଲକ ସଂଯୋଜକ ପ୍ରବୀର ପୋଇର ଧନ୍ୟବାଦ ଦେଇଥିଲେ।

## ଜିଲାରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି : କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା ।

ପୋଲିସ ପ୍ରଶାସନର ନିଷ୍କ୍ରିୟତା କାରଣରୁ ଗତ ୨ମାସ ମଧ୍ୟରେ ଜିଲାରେ ୧୫ରୁ ଅଧିକ ଗୁଳିକାଣ୍ଡ, ସପ୍ତାହକ ମଧ୍ୟରେ ୧୫ରୁ ଅଧିକ ଚୋରି ଓ ଡକାୟତି, ନାବାଳିକା ବଳାତ୍କାର ଭଳି ସମ୍ବେଦନଶୀଳ ଘଟଣା ଦିନକୁ ଦିନ ବଢିଚାଲିଛି । ଏହାଛଡା ଖୁଲମଖୁଲା ନିଶା କାରବାର, ବ୍ୟାଙ୍କ ଲୁଟ୍ ଉଦ୍ୟମ ଭଳି ମାମଲା ଘଟିଚାଲିଛି । ମୋଟାମୋଟି ଭାବେ ଜିଲାରେ ଆଇନଶୃଙ୍ଖଳା ବ୍ୟବସ୍ଥା ଭୁଶୁଡି ପଡିଛି ବୋଲି କଂଗ୍ରେସ ଜିଲା ସଭାପତି ସଞ୍ଜୀବ ଗିରି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଜିଲାବାସୀ ଭୟଭୀତ ହୋଇପଡିଛନ୍ତି । ଉପନିର୍ବାଚନ ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ବାଲେଶ୍ୱର ଦାୟିତ୍ୱ ନେଇଥିବା ବେଳେ ଅପରାଧର ପେଣ୍ଠସ୍ଥଳୀ ପାଲଟିଛି । ଜିଲାରେ ଶାନ୍ତି ଫେରାଇ ଆଣିବା ପାଇଁ କଂଗ୍ରେସ ଦାବି କରିଛି । ନଚେତ୍ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଗୋପୀନାଥ ପାଢ଼ୀ, ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପରମିତା ମହାନ୍ତି ଓ ଛାତ୍ରନେତା ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବସୁଧା ଯୋଜନାରେ ସାମିଲ ଦାବି


ବ୍ଲକକୁ ଦାବିପତ୍ର ଦେବାକୁ ଆସିଥିବା ୨ଗ୍ରାମର ଅଧିବାସୀ ।

ଖଇରା, ୧୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନରେ ଥିବା ୨ପଡା ଗ୍ରାମ ବ୍ରହ୍ମପୁର ଓ ରୁଢ଼ିଙ୍ଗିଆକୁ ପ୍ରସ୍ତାବିତ ଶ୍ରୀରାମପୁର ପାନୀୟଜଳ ପ୍ରକଳ୍ପରେ ସାମିଲ ପାଇଁ ଅଧିବାସୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଶତାଧିକ ଗ୍ରାମବାସୀ ମଙ୍ଗଳବାର ଖଇରା ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଦାବି ମୁତାବକ ପୂର୍ବରୁ ଜୟିପୁର ପାନୀୟଜଳ ପ୍ରକଳ୍ପରୁ ୨ଇଞ୍ଚ ପାଇପ ଯୋଗେ ରୁଢ଼ିଙ୍ଗିଆ ଗ୍ରାମକୁ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ହେଲେ ଜଳ ଫୋର୍ସ କମ୍ ଯୋଗୁ ହାରାହାରି ୬୫ ପରିବାର ପାନୀୟ ଜଳରୁ ବଞ୍ଚିତ ହୋଇଥିଲେ । ସେପଟେ ବ୍ରହ୍ମପୁର ଗ୍ରାମକୁ ଏ ପର୍ଯ୍ୟନ୍ତ କୌଣସି ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ । ଫଳରେ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଗ୍ରାମବାସୀ ଜଳକଷ୍ଟର ଶିକାର ହେଉଛନ୍ତି । ଏବେ ଶ୍ରୀରାମପୁର ରାଜସ୍ୱ ଗ୍ରାମରେ ବସୁଧା ଯୋଜନାରେ ଏକ ଦେଢ ଲକ୍ଷ ଜଳ ସଂରକ୍ଷଣ କ୍ଷମତା ବିଶିଷ୍ଟ ଏକ ପ୍ରକଳ୍ପ ସ୍ଥାପନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ୨ କି.ମି. ଦୂରତାରେ ଥିବା ଉପରୋକ୍ତ ୨ ପଡା ଗ୍ରାମକୁ ଏହି ପ୍ରକଳ୍ପ ସହ ସଂଯୋଗ କରାଗଲେ ଗ୍ରାମବାସୀଙ୍କ ଶୋଷ ମେଣ୍ଟିପାରନ୍ତା ବୋଲି ରୁଢ଼ିଙ୍ଗିଆ ଓ ବ୍ରହ୍ମପୁର ଗ୍ରାମର ଭାଗିରଥୀ ଦାସ, କାଶିନାଥ ନାୟକ, ଶ୍ରୀଧର ନାୟକ, ବିନୋଦ ବିହାରୀ ନାୟକ, କନକଲତା ଦଳେଇଙ୍କ ସହ ଶହ ଶହ ଗ୍ରାମବାସୀ ନିବେଦନ କରିଛନ୍ତି । ଏ ସମ୍ପର୍କରେ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ସେ ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନେଇ ତଦନ୍ତ କରିବାକୁ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ରେଞ୍ଜରଙ୍କୁ ଅଟକ ରଖିଲେ ଲୋକେ

ବାରିପଦା ଅଫିସ/ବାଙ୍ଗିରିପୋଷି ୧୬।୩(ଡି.ଏନ.ଏ)

ଶିମିଳିପାଳ ଅଭୟାରଣ୍ୟର ଉତ୍ତର ଡିଭିଜନ ଅଞ୍ଚଳରୁ ଜବତ ହୋଇଥିବା ମୂଲ୍ୟବାନ କାଠକୁ ବନ କର୍ମଚାରୀମାନେ ଚିରି ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ରଙ୍ଗେଲବେଡ଼ା ଗାଁର ଶତାଧିକ ଗ୍ରାମବାସୀ ରେଞ୍ଜରଙ୍କୁ ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି । ଉପରିସ୍ଥ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ ଅଟକ ଗାଡ଼ିକୁ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଛନ୍ତି । ସୂଚନା ଅନୁଯାୟୀ, କିଛି ଦିନ ପୂର୍ବେ ଶିମିଳିପାଳ ଉତ୍ତର ଡିଭିଜନ ତାଳବନ୍ଧ ରେଞ୍ଜ ଅଧୀନ କାନଛିଣ୍ଡା ବିଟ ହାଉସ୍ ଅଞ୍ଚଳରୁ ବନ କର୍ମଚାରୀମାନେ ମୂଲ୍ୟବାନ ଶାଗୁଆନ ଗଣ୍ଡି ଜବତ କରିଥିଲେ । ଏହି ଗଣ୍ଡିଗୁଡ଼ିକୁ ଟ୍ରାକ୍ଟର ଯୋଗେ ରଙ୍ଗେଲବେଡ଼ା ବିଟ ହାଉସକୁ ସ୍ଥାନାନ୍ତରିତ କରାଯାଇଥିଲା । ମଙ୍ଗଳବାର କରତ ସାହାଯ୍ୟରେ ଗଣ୍ଡିଗୁଡ଼ିକୁ ଚିରି ପଟା ବାହାର କରାଯାଉଥିବା ବେଳେ ଗ୍ରାମବାସୀ ଏକଜୁଟ ହୋଇ ଏହାକୁ ବିରୋଧ କରିଥିଲେ । ଏହାକୁ ନେଇ ଅସନ୍ତୋଷ ବଢ଼ିବା ପରେ ରେଞ୍ଜର ମଧୁସ୍ମିତା ଦାଶ ଘଟଣାସ୍ଥଳକୁ ଯାଇଥିଲେ । ଉତ୍ତ୍ୟକ୍ତ ଲୋକେ ରେଞ୍ଜରଙ୍କ ଗାଡ଼ିକୁ ଅଟକ ରଖିଥିଲେ । ଏ ସଂକ୍ରାନ୍ତରେ ରେଞ୍ଜର ଦାଶଙ୍କୁ ପଚାରିବାରୁ ବିଭାଗୀୟ ନିୟମ ଅନୁଯାୟୀ କାଠ ଚିରା ଯାଉଥିଲା ବୋଲି କହିଛନ୍ତି ।

## ଭବ୍ୟ ସମାରୋହରେ ଶପଥ ଗ୍ରହଣ



ବିଜୟୀ ପ୍ରାର୍ଥୀ ଶପଥ ଗ୍ରହଣ କରୁଛନ୍ତି ।

ଯୋଡା, ୧୬।୩(ଡି.ଏନ୍.ଏ)

କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର ନିର୍ବାଚନ ଫଳାଫଳ ରବିବାର ରାତିରେ ପ୍ରକାଶ ହେବା ପରେ ମଙ୍ଗଳବାର ନବ ନିର୍ବାଚିତ ପ୍ରତିନିଧିମାନଙ୍କର ବାଉଁଶପାଣି ସଂଘ କାର୍ଯ୍ୟାଳୟଠାରେ ଏକ ଭବ୍ୟ ସମାରୋହରେ ଶପଥ ଗ୍ରହଣ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସଭାପତି ଭାବେ ମାତାପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ କୁମାର ବାରିକ, ଉପସଭାପତି ବିଜୟ କୁମାର ଆପଟ, ଯୁଗ୍ମ ସମ୍ପାଦକ ଅଶୋକ କୁମାର କାରୁଆ, କୋଷାଧକ୍ଷ ଭାବେ ରାଜେଶ ରୋଶନ ପ୍ରମୁଖ ନବ ନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିଥିଲେ । ସଭାପତି ମାତାପ୍ରସାଦ ଜୟସ୍ୱାଲ କହିଥିଲେ ଯେ, ପାରାଦ୍ୱୀପ ବନ୍ଦର ଅଞ୍ଚଳରେ ଖଣି ଅଞ୍ଚଳର ଗାଡି ଗୁଡ଼ିକର ଉପୁଜୁଥିବା ସମସ୍ୟାକୁ ସେ ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବେ । ଏହା ସହିତ ଗାଡି ମାଲିକଙ୍କର ପରିବହନଜନିତ ସମସ୍ୟାକୁ ଯେତେ ଦୂର ସମ୍ଭବ ହେବ ତାକୁ ଦୂର କରିବା ପାଇଁ ସେ ଉଦ୍ୟମ କରିବେ । ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଲେ ଯେ, ଗାଡି ମାଲିକଙ୍କର ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସଂଘ ପକ୍ଷରୁ କାର୍ଯ୍ୟପନ୍ଥା ସ୍ଥିର କରାଯିବ ।

## ଉଚ୍ଛେଦ ପ୍ରତିବାଦରେ ରାସ୍ତାରୋକୋ

ବାରିପଦା ଅଫିସ,୧୬।୩

ମୟୂରଭଞ୍ଜ ଜିଲା ବାରିପଦା ସହରର ବିଭିନ୍ନ ସ୍ଥାନରେ ବେଆଇନ ଜବର ଦଖଲ କରି ବ୍ୟବସାୟ ଚଳାଉଥିବା ଉଠା ଦୋକାନୀଙ୍କୁ ପୌର ପରିଷଦ ପକ୍ଷରୁ ଉଚ୍ଛେଦ କରାଯାଉଛି । ମୁର୍ଗାବାଡ଼ି ଅଞ୍ଚଳର ବ୍ୟବସାୟୀମାନେ ଏହାକୁ ବିରୋଧ କରିବା ସହିତ ଥଇଥାନ ଦାବିରେ ଭଞ୍ଜପୁର-ମୁର୍ଗାବାଡ଼ି ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦିନକୁ ଦିନ ସହରର ରାସ୍ତାଗୁଡ଼ିକ ସଙ୍କୀର୍ଣ୍ଣ ହେଉଥିବା ବେଳେ ଦୁର୍ଘଟଣା ଓ ଭିଡ଼କୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## ବିଜେଡିର କର୍ମୀ ସମ୍ମିଳନୀ

ଲଙ୍ଗଳେଶ୍ୱର, ୧୬।୩(ଡି.ଏନ.ଏ.)

ସିଂଲା ଥାନା ଅଧୀନ ନାଇକୁଡ଼ି ପଞ୍ଚାୟତର ବାଉଁଶବଣିଠାରେ ବିଜେଡି କର୍ମୀମାନଙ୍କୁ ନେଇ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଅନ୍ୟ ଦଳରୁ କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ । ବିଜେଡି ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ବଂଶୀଧର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ସମାଜସେବୀ ସୁବାସିନୀ ଜେନା, ସମ୍ମାନିତ ଅତିଥି ଭାବେ ଜିଲା କୃଷକ ଜନତା ଦଳର ସଭାପତି ଅଜୟ କୁମାର ସାମଲ, ବିଜେଡି ଜିଲା ଯୁବ ସଭାପତି ତାପସ ପରିଡ଼ା, ବସ୍ତା ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

## ଶୈକ୍ଷିକ ପରିବେଶକୁ ଗୁରୁତ୍ୱ

ଭୋଗରାଇ, ୧୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କଣ୍ଠାବଣିଆ-ବାହାବଳପୁର ଧନଞ୍ଜୟ ନୋଡ଼ାଲ ଉପ୍ରା ବିଦ୍ୟାଳୟ ଶୈକ୍ଷିକ ପରିବେଶ ପାଇଁ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀଶିକ୍ଷକ ଅଣ୍ଟା ଭିଡ଼ିଛନ୍ତି । ଏଥିପାଇଁ ଶନିବାର ସନ୍ଧ୍ୟାରେ ସ୍କୁଲ ପରିସରରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା । ଏହି ପୁରାତନ ବିଦ୍ୟାଳୟର ପରିବେଶକୁ ନଷ୍ଟ କରିବାକୁ କେତେକ ଲୋକ ଚକ୍ରାନ୍ତ କରୁଥିବାର ଏଥିରୁ ବିରତ ରହି ସ୍କୁଲର ଉନ୍ନତି ନିମନ୍ତେ ସ୍କୁଲ ପରିଚାଳନା କମିଟି ଗ୍ରାମବାସୀଙ୍କୁ ନିବେଦନ କରିଥିଲା । ସ୍କୁଲର ପରିବେଶକୁ ସ୍ୱଚ୍ଛ କରିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିବା ବେଳେ ଶିକ୍ଷୟିତ୍ରୀଶିକ୍ଷକମାନେ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ କୁହାଯାଇଥିଲା । ଏହି ଖବରଦାତା ସମ୍ମିଳନୀରେ ସ୍କୁଲ ପରିଚାଳନା କମିଟି ସଭାପତି ନନି ଗୋପାଲ ଦାସଅଧିକାରୀ, ଉପସଭାପତି ଶ୍ରାବଣୀ ପଣ୍ଡା, ସଦସ୍ୟ ଭୂପେଶ ପଟ୍ଟନାୟକ, ବନ୍ଦିତା ଦାସ, ପ୍ରଧାନଶିକ୍ଷକ ବର୍ଷା ଟୁଡୁ, ସିଆରସିସି ଅଶୋକ କୁମାର ସାହୁ, ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ସ୍କୁଲ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀଶିକ୍ଷକ ।

## ପାନୀୟଜଳ, ପାର୍କିଂ ବ୍ୟବସ୍ଥା ଦାବିରେ ଗଣଧାରଣା

ବାଲେଶ୍ୱର ଅଫିସ, ୧୬।୩

ବାଲେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସକୁ ପ୍ରତିଦିନ ଶହ ଶହ ଲୋକ ଜମିବାଡ଼ି କିଣାବିକା କାର୍ଯ୍ୟ ପାଇଁ ଆସୁଥିବା ବେଳେ ଉକ୍ତ ଅଫିସ୍ ସମ୍ମୁଖରେ ଗାଡ଼ି ରଖିବା ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବା ଏବଂ ଖରାଦିନେ ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ବହୁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିବାଦରେ ଫ୍ୟୁଚର ବାଲେଶ୍ୱର ସଙ୍ଗଠନ ପକ୍ଷରୁ ମଙ୍ଗଳବାର ସବ୍‌ରେଜିଷ୍ଟ୍ରାର ଅଫିସ ବନ୍ଦ କରି ଗଣଧାରଣା ଦିଆଯାଇଥିଲା ।


ଫ୍ୟୁଚର ବାଲେଶ୍ୱର ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି ।

ଗଣଧାରଣା ଦେବାର ୪ଘଣ୍ଟା ପରେ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗଣଧାରଣା ଦେଇଥିବା ସଙ୍ଗଠନର ନେତୃବର୍ଗଙ୍କ ସହ ଆଲୋଚନା କରିଥିଲେ । ସମସ୍ତ ଦାବି ଜାଣିବା ପରେ ଅତିରିକ୍ତ ତହସିଲଦାର ଉପଜିଲାପାଳଙ୍କୁ ଅବଗତ କରାଇଥିଲେ । ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ସହଦେବଖୁଣ୍ଟା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ ଧାରଣାସ୍ଥଳରେ ପହଞ୍ଚି ବୁଧବାରଠାରୁ ସବ୍‌କଲେକ୍ଟର ଅଫିସ ପରିସରରେ ଥିବା ଗେଟ୍‌ର ତାଲା ଖୋଲାଯାଇ ଭିତରେ ଗାଡ଼ି ପାର୍କିଂ କରାଯିବା ସହ ଏକମାସ ମଧ୍ୟରେ ଶୌଚାଳୟ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଓ ରେଷ୍ଟସେଡ୍ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଗଣଧାରଣାରେ ସଙ୍ଗଠନ ସଭାପତି ବିଜୟ କୁମାର ପାଣିଗ୍ରାହୀ, ସମ୍ପାଦକ ଦୁକୁଲ ଚନ୍ଦ୍ର ଘରାଇ ଓ ଅନ୍ୟ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ ।

**ଏସି ଫାଟି ଅଗ୍ନିକାଣ୍ଡ**

**ଡେରାବିଶ, (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଥକେଇନେଉଳି ଗାଁରେ ସୋମବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଶର୍ଟସର୍କିଟରୁ ଏସି ଫାଟି ଅଗ୍ନିକାଣ୍ଡ ଘଟିଛି। ଏଥିରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଚିତ୍ତରଞ୍ଜନ ଦାସଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହେବା ସହ କୋଠା ଘରର କାନ୍ଥ ଓ ଛାତ ଫାଟି ଯାଇଛି। ବିଳମ୍ବିତ ରାତିରେ ଦାସଙ୍କ ସାନଭାଇ ଜ୍ଞାନ ରହୁଥିବା କୋଠରୀରେ ହଠାତ୍ ଏସିଟି ଫାଟି ଯାଇ ନିଆଁ ଲାଗି ଯାଇଥିଲା। ସେହି ସମୟରେ ଜ୍ଞାନ ବାହାରକୁ ଶୌଚ ପାଇଁ ଉଠିଥିଲେ। ସେ ଏହା ଦେଖି ପରିବାର ବର୍ଗଙ୍କୁ ନିଦରୁ ଉଠାଇ ବାହାରକୁ ନେଇ ଯିବାରୁ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ପୋଲିସର ଧରପଗଡ଼, ୭ ଦିନରେ ୫୨ ଗିରଫ

**ରାଜନଗର, ୧୬।୩(ଡି.ଏନ.ଏ.)** ରାଜନଗର ବ୍ଲକରେ ଥିବା ଦୁଇଟି ଥାନା ଅଞ୍ଚଳରେ ୱାରେଣ୍ଟ ଧରପଗଡ ଜାରି ରହିଛି। ୨ ଥାନାରେ ୭ଦିନ ମଧ୍ୟରେ ୫୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୨୧ଜଣ କୋର୍ଟରୁ ଜାମିନ ଆଣି ଥାନାରେ ଦେଇଛନ୍ତି। ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଗତ ୭ଦିନରେ ୩୨ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏଥିସହ ୧୦ଜଣଙ୍କୁ ଧରାଯିବା ପରେ ସେମାନେ କୋର୍ଟର ଜାମିନ କାଗଜ ଦେଖାଇ ଖଲାସ ହୋଇଛନ୍ତି। ଏପରିକି ୩୭ ବର୍ଷ ତଳର ଏକ ପୁରୁଣା ମାମଲାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ୧୯୮୩ରେ ସରକାରୀ କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ରଙ୍ଗଣୀର ଜୟୀରାମ ଦଳାଇଙ୍କ ନାଁରେ ୱାରେଣ୍ଟ ଗଡୁଥିଲା। ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ପୋଲିସ ଟିମ ଜୟୀରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେହିପରି ରାଜନଗର ଥାନା ଅଞ୍ଚଳରେ ୨୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୧୧ଜଣ କୋର୍ଟରୁ ଜାମିନ ପାଇ କାଗଜ ଥାନାରେ ଦାଖଲ କରିଥିବା ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ନାଟକ ପ୍ରତିଯୋଗିତାସ୍ଥଳରେ ଜୁଆ ଆଡ୍ଡା

**କୁଜଙ୍ଗ, ୧୬।୩(ଡି.ଏନ୍.ଏ.):** କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତର କଙ୍କରଦିଆ ଗାଁରେ ପ୍ରତିବର୍ଷ ଭଳି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ସୋମବାରଠାରୁ ଆରମ୍ଭ ହୋଇଛି। ତେବେ ଏହା ପରିସରରେ ଜୁଆଡ଼ିଙ୍କ ଆଡ୍ଡା ଜମିଥିବା ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ବହୁ ଯୁବକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ବଦଳରେ ଜୁଆ ଖେଳି ଟଙ୍କା ବରବାଦ କରୁଛନ୍ତି। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବାମଦେଇପୁର ସରପଞ୍ଚ ଗୋପୀନାଥ ସାମନ୍ତରାୟ କହିଛନ୍ତି, ଆମେ ସବୁ ଜାଣିଲେ ବି ଚୁପ୍ ରହିବାକୁ ବାଧ ହେଉଛୁ। ଜୁଆଡ଼ିଙ୍କୁ ଧରିବା ଦାୟିତ୍ୱ ହେଉଛି ପୋଲିସର। କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁ କୁହନ୍ତି, ଖୁବ୍‌ଶୀଘ୍ର ଏସବୁ ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଧରାଯିବ।

### ସ୍ୱାଧୀନତା ସଂଗ୍ରାମୀଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଜଗତ୍‌ସିଂହପୁର ଅଫିସ, ୧୬।୩** ଜଗତ୍‌ସିଂହପୁର ବଡ଼ବଜାରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ପରିସରରେ ସୋମବାର ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ମାଧବାନନ୍ଦ ମନୋହରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗ୍ରାମୀ ଭାଗୀରଥି ସ୍ୱାଇଁ, ଯୋଗେନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ମାଳତୀ ଦେବୀଙ୍କ ଭୂମିକା, ତାଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମୁରଲୀଧର ସାହୁ, ଶିକ୍ଷାବିତ୍ ମହେନ୍ଦ୍ର ଆଚାର୍ଯ୍ୟ, ଦ୍ୱାରିକାନାଥ ମହାପାତ୍ର, ବୈକୁଣ୍ଠ ପଟ୍ଟନାୟକ ଓ ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

### ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା

**ନୟାଗଡ଼ ଅଫିସ, ୧୬।୩:** ଠେଙ୍ଗାପାଳି ମାଧମରେ ଜଙ୍ଗଲ ସୁରକ୍ଷାର ବାର୍ତ୍ତା ବଣ୍ଟନ କରୁଥିବା ନୟାଗଡ଼ ବ୍ଲକର କ୍ରିଦାଶପୁର ଆଞ୍ଚଳିକ ଜଙ୍ଗଲ ସୁରକ୍ଷା କମିଟି ଏବେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏ ନେଇ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା ସହ ଲୋକଙ୍କୁ ଜଙ୍ଗଲ ନିଆଁର ଭୟାବହତା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ସାମିଲ ହୋଇଥିଲେ ।

### ସନ୍ତୋଷ ପ୍ରଧାନ ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ

**ନୟାଗଡ଼ ଅଫିସ, ୧୬।୩:** ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କୃଷକ ମୋର୍ଚ୍ଚା ସମ୍ପାଦକ ଭାବେ ନୟାଗଡ଼ର ସନ୍ତୋଷ ପ୍ରଧାନଙ୍କ ନାମ ଘୋଷଣା କରିଛନ୍ତି। ସେହିପରି ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୭ ଜଣିଆ ତାଲିକାରେ ନୟାଗଡ଼ର ସୁକାନ୍ତ ପାଣିଗ୍ରାହୀଙ୍କୁ ମନୋନୀତ ହୋଇଛନ୍ତି। ସନ୍ତୋଷ ନୟାଗଡ଼ ଚିନିକଳ ଚାଲୁ କରିବାକୁ ଦାବି କରି ଆନ୍ଦୋଳନ ଜାରି ରଖିଛନ୍ତି।

# ଭତ୍ତା ପାଇଁ ଅଫିସ ଦୌଡୁଛନ୍ତି ହିତାଧିକାରୀ

- ଡେବିଟ୍ ସିଷ୍ଟମ ଫେଲ୍
- ଆଧାର ଓ ବ୍ୟାଙ୍କ ଲିଙ୍କ ହେଉନି ଶତ ପ୍ରତିଶତ

**ନୟାଗଡ ଅଫିସ, ୧୬।୩**

ବୃଦ୍ଧାବୃଦ୍ଧ ଘରେ ବସି ଭତ୍ତା ପାଇବାକୁ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡେବିଟ୍) ସିଷ୍ଟମକୁ ପାଇଲଟ ଯୋଜନା ଭାବେ ଲାଗୁ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ନୟାଗଡ ଜିଲାରେ ଯୋଜନା ଫେଲ ହୋଇଥିବା ଅଭିଯୋଗ ହୋଇଛି। ବୈଷୟିକ ଜ୍ଞାନର ବିକାଶ ସତ୍ତ୍ୱେ ବୃଦ୍ଧାବୃଦ୍ଧ ପରିଣତ ବୟସରେ ଧାଡିରେ ଅପେକ୍ଷା କରି ଭତ୍ତା ନେବା ଦୁଃଖ ଓ ପରିତାପର ବିଷୟ। ଆଧାର ଓ ବ୍ୟାଙ୍କ ଲିଙ୍କ କରିବାରେ ଅଣଦେଖା କରାଯାଉଥିବାରୁ ବୃଦ୍ଧାବୃଦ୍ଧ ଘରେ ବସି ସରକାରୀ ଯୋଜନାର ସୁଫଳ ପାଇ ପାରୁ ନ ଥିବା କହିଛନ୍ତି।

ଜାତୀୟ ସାମାଜିକ ସୁରକ୍ଷା ଭତ୍ତା ଜିଲାରେ ୫୧,୪୪୧ଜଣ ପାଉଛନ୍ତି। ଏଥିରୁ ୫୧,୧୨୭(୯୯.୩୯ପ୍ରତିଶତ) ଜଣଙ୍କ ଆଧାର ଲିଙ୍କ ହୋଇପାରିଛି। ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପାଉଥିବା ୬୯,୧୩୪ ହିତାଧିକାରୀଙ୍କ ମଧ୍ୟରୁ ୫୯,୬୬୨(୮୬.୩୦) ଆଧାର ଲିଙ୍କ ହୋଇସାରିଛି। ସେହିଭଳି ମଧୁବାବୁ ପେନ୍‌ସନ ଯୋଜନାରେ ୬୯,୧୩୪ ହିତାଧିକାରୀଙ୍କ ମଧ୍ୟରୁ ୩୫,୫୬ (୫୦.୭୧) ବ୍ୟାଙ୍କ ଲିକ୍ ହୋଇଥିବାବେଳେ ଜାତୀୟ ସାମାଜିକ ସୁରକ୍ଷା ଭତ୍ତାରେ ୫୧,୪୪୧ ହିତାଧିକାରୀଙ୍କ ମଧ୍ୟରୁ ୩୫,୧୩୦ (୬୮.୨୯ ପ୍ରତିଶତ) ଅନୁରୂପ ଭାବେ ବ୍ୟାଙ୍କ ଲିଙ୍କ ହୋଇଛି। ବ୍ୟାଙ୍କ ଓ ଆଧାର ଲିଙ୍କର ତଥ୍ୟକୁ ଅନୁଧ୍ୟାନ କଲେ ଏହା ଶତ ପ୍ରତିଶତ ପୂରଣ ହୋଇପାରୁନି। ଅସୁବିଧା କେଉଁଠି ରହୁଛି ତାହାର ଠିକ୍ ସମୀକ୍ଷା ହେଉ ନ ଥିବାରୁ ଆଧାର ଓ ବ୍ୟାଙ୍କ ଲିଙ୍କ୍ କରାଯାଉ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ବ୍ୟାଙ୍କ ଓ ଆଧାର ଲିଙ୍କ କରିବାକୁ ଜିଲାର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସହରାଞ୍ଚଳର ନିର୍ବାହୀ ଅଧିକାରୀଙ୍କୁ ୨୦୧୮ ସେପ୍ଟେମ୍ବର ୧୮ରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଚିଠି କରିଥିଲେ। ହେଲେ ଚିଠିର ୨ବର୍ଷ ପରେ ବି ଏହାର ଫାଇଲ ଶୀତଳଭଣ୍ଡାରରେ ପଡି ରହିଛି।

## ଭତ୍ତା ଟଙ୍କା ଆତ୍ମସାତ୍ ପାଇଁ ସୁଯୋଗ ମିଳିବନି

୮୦ବର୍ଷ ତଳକୁ ହିତାଧିକାରୀମାନଙ୍କୁ ୫୦୦ ଟଙ୍କା ଓ ୮୦ ବର୍ଷ ପରେ ୭୦୦ ଟଙ୍କା ଭତ୍ତା ମିଳୁଛି। ୬୦ ପ୍ରତିଶତ ଭିନ୍ନକ୍ଷମ ଥିଲେ ୭୦୦ ଟଙ୍କା ଭତ୍ତା ପାଇବାକୁ ସରକାରୀ ନିୟମ ରହିଛି। ତେବେ କେତେଜଣ କର୍ମଚାରୀ ମୃତକଙ୍କ ନାଁକୁ ରେକର୍ଡରୁ ନ କାଟି ଟଙ୍କା ହଡପ କରୁଥିବା ଅଭିଯୋଗ ହେଉଛି। ନୂଆଗାଁ ବ୍ଲକରେ ମୃତ ଲୋକଙ୍କ ନାଁରେ ୧ ଲକ୍ଷ ୪୫ ହଜାର ଟଙ୍କା ଉଠାଣ ହୋଇ ହଡପ ହୋଇଥିଲା। ସୋସିଆଲ ଅଡିଟରେ ଏହା ଧରାପଡିବା ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ, ଯାହା କି ଜାଲିଆତିକୁ ପ୍ରୋତ୍ସାହନ ଦେଉଛି। ବିଭିନ୍ନ ପଞ୍ଚାୟତରେ ଏପରି ଭତ୍ତା ଟଙ୍କା ହଡପ ହେଉଥିବା ଅଭିଯୋଗ ହେଉଥିଲେ ହେଁ ସବୁର ତଦନ୍ତ ହେଉନାହିଁ। ଏ ନେଇ ସୁବ୍ରତ ସାହୁ ନାମକ ଜଣେ ହିତାଧିକାରୀ କହିଛନ୍ତି, ମୃତ ଲୋକଙ୍କ ନାଁରେ ଜାଲିଆତି ହେଉଛି। କେତେଜଣ କର୍ମଚାରୀ ଲାଭରେ ଥିବାରୁ ଡେବିଟ୍ ଲାଗୁ କରୁନାହାନ୍ତି। ଆମେ ପରିଣତ ବୟସରେ ଧାଡି କରି ଟଙ୍କା ନେବାକୁ ଅପେକ୍ଷା କରୁଛୁ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ସାହୁଙ୍କୁ ପଚାରିବାରେ ଜିଲାର ନୟାଗଡ, ଦଶପଲ୍ଲା, ରଣପୁର, ଖଣ୍ଡପଡା, ଓଡଗାଁ ସହରାଞ୍ଚଳରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଗଲାଣି। ଧୀରେ ଧୀରେ ଅନ୍ୟ ବ୍ଲକଗୁଡିକରେ ଡେବିଟ୍ ସ୍କିମ ଲାଗୁ କରିବାକୁ ପ୍ରାଧାନ୍ୟ ଦେଉଛୁ। ନୂଆଗାଁରେ ଭତ୍ତା ଟଙ୍କା ଆତ୍ମସାତ ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିବା ସେ କହିଛନ୍ତି।

# ୮ ଦିନରେ ୬୦ ହଜାର କଇଁଛ ଅଣ୍ଡା ଦେଲେ



ଆଲିଭରିଡଲେ କଇଁଛ ସ୍ଥଳଭାଗକୁ ଅଣ୍ଡା ଦେବାକୁ ଆସୁଛନ୍ତି।

**ଗହୀରମଥାରେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି**

**ରାଜନଗର, ୧୬।୩(ଡି.ଏନ.ଏ.)**

ଅଲିଭରିଡଲେ କଇଁଛଙ୍କ ଅନ୍ତୁଡିଶାଳ ରୂପେ ପରିଚିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ। ଏହାର ବାବୁବାଲି ଦ୍ୱୀପର ୨୦କି.ମି. ବେଳାଭୂମି, ଅଗରନାସୀ ଦ୍ୱୀପ ଓ ସାତଭାୟାର ବିସ୍ତୀର୍ଣ୍ଣ ବେଳାଭୂମିରେ ମାଆ ଅଲିଭରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପକ୍ରିୟା ଜାରି ରହିଛି। ସୋମବାର ସୁଦ୍ଧା ପ୍ରାୟ ୬୦ ହଜାରରୁ ଊର୍ଦ୍ଧ୍ୱ ମାଆ କଇଁଛ ସମୂହ ଅଣ୍ଡାଦାନ କରିସାରିନ୍ତି। ମାଆ କଇଁଛମାନେ ବେଳାଭୂମି ବାଲିରେ ୫ ଫୁଟ ଗଭୀରର ଗାତ ଖୋଳି ୮୦ ରୁ ୧୦୦ ପର୍ଯ୍ୟନ୍ତ ଅଣ୍ଡାଦାନ କରୁଛନ୍ତି। କଇଁଛମାନେ ନିଜ ଗୋଡରେ ଗାତ ଖୋଳିବା ପରେ ଅଣ୍ଡାଦାନ କରିଥାନ୍ତି। ଅଣ୍ଡାଦାନ ପରେ ଅଣ୍ଡାଗୁଡିକୁ ବାଲିରେ ଘୋଡାଇ ଦେବା ପରେ ଗଭୀର ସମୁଦ୍ରକୁ ଚାଲି ଯାଉଛନ୍ତି। ଦୀର୍ଘ ୬୦ ଦିନ ଭିତରେ ଅଣ୍ଡାରୁ ଛୁଆ ଫୁଟି ଶାବକମାନେ ସେମାନଙ୍କ ପାଖକୁ ଫେରିବା ପର୍ଯ୍ୟନ୍ତ ମାଆ କଇଁଛମାନେ ଚାତକ ଭଳି ଚାହିଁ ରହିଥାନ୍ତି। ଚଳିତମାସ ୮ତାରିଖରେ ୩୦୦, ୯ତାରିଖରେ ୮୦୦, ୧୦ତାରିଖରେ ୧୨୫୦, ୧୧ତାରିଖରେ ୭୯୪୦, ୧୨ତାରିଖରେ ୪୨୫, ୧୩ ତାରିଖରେ ୨୧୦, ୧୪ ତାରିଖରେ ୧୮୩୫୦, ୧୫ ତାରିଖରେ ୩୨,୫୬୦ ମୋଟ ୬୧,୮୩୫ଟି ମାଆ କଇଁଛ ସମୁହ ଅଣ୍ଡାଦାନରେ ସାମିଲ ହୋଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ।

# ରାଜନେତାଙ୍କ ଅବହେଳାରୁ କେନ୍ଦ୍ରାପଡ଼ାରେ ଶିଳ୍ପଟିଏ ହୋଇନି



ବୈଠକରେ ଉପସ୍ଥିତ ଭାଜପାର ନେତାମାନେ ।

**ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ**

**ଆଳି, ୧୬।୩(ଡି.ଏନ.ଏ.)**

ଭାଜପା କେନ୍ଦ୍ରାପଡ଼ା ଜିଲାର କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ପୂର୍ବାହ୍ନରେ ଆଳି ହାରାମଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, ରାଜ୍ୟ ରାଜନୀତିରେ କେନ୍ଦ୍ରାପଡ଼ା ଜିଲା ସର୍ବଦା ଚର୍ଚ୍ଚିତ। ଜିଲାରୁ ଅନେକ ରାଜନେତା ରାଜ୍ୟ ରାଜନୀତିରେ ନିଜର ପ୍ରାଧାନ୍ୟ ଦେଖାଇଥିବା ବେଳେ ବିକାଶ କ୍ଷେତ୍ରରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଜିଲାରେ ରାଜନେତାଙ୍କ ଅବହେଳାରୁ ଆଜି ଯାଏଁ କୌଣସି ଶିଳ୍ପଟିଏ ଗଢା ହୋଇପାରିନାହିଁ। ଫଳରେ ଜିଲାର ହଜାର ହଜାର ଯୁବକ ଆଜି ବିଦେଶରେ ଦାଦନ ଖଟୁଛନ୍ତି। ଜିଲାର ବିଭିନ୍ନ ସମସ୍ୟା ମଧ୍ୟରେ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା, କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ, ଖରସ୍ରୋତା ଜଳକୁ ଭଦ୍ରକ ପଠାଇବା ଲାଗି ହୋଇଥିବା ଷଡଯନ୍ତ୍ରର ଦୃଢ ମୁକାବିଲା କରିବା ଆଦି ବିଭିନ୍ନ ସମସ୍ୟାକୁ ନେଇ ଭାଜପା ପକ୍ଷରୁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଚଞ୍ଚକତା କରି ବିଜେଡି ସରକାର ନିଜ ନାମରେ ନାମିତ କରି ଦଳୀୟ ଭିତ୍ତିରେ ପ୍ରଦାନ କରିଛି। ଏମ୍‌ଜିଏନ୍‌ଆରଇଜିଏସ୍ ଓ ଖାଦ୍ୟ ଯୋଜନାର ହରିଲୁଟ୍ ଆଦି ବିଭିନ୍ନ ପ୍ରକାର ଦୁର୍ନୀତିରେ ଲିପ୍ତଥିବା ବିଜେଡି ସରକାର ବିରୋଧରେ ଲଢେଇ ଜାରି ରଖିଲେ ଆଗାମୀ ଦିନରେ ଜିଲାରେ ଭାଜପା ସଙ୍ଗଠନ ନିଶ୍ଚିତ ଭାବେ ବୃଦ୍ଧି ପାଇବ ବୋଲି ବୈଠକରେ ମତପ୍ରକାଶ ପାଇଛି। ବୈଠକରେ ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଦସ୍ୟ ବୈଦ୍ୟନାଥ ଚାଟାର୍ଜୀ, ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ବିଜୟ ପ୍ରଧାନ, ସୁନାକର ବେହେରା, ମାନସ ମହାନ୍ତି, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଅମୃତ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଆଗାମୀଦିନରେ ଜିଲାରେ କିପରି ଦଳୀୟ ସାଙ୍ଗଠନିକ ବୃଦ୍ଧି ପାଇବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିରେ ଜିଲା ସମ୍ପାଦକ ସୁନାକର ପ୍ରଧାନ, ବ୍ରଜସୁନ୍ଦର ଭୂୟାଁ, ଭକ୍ତବନ୍ଧୁ ମିଶ୍ର, ଲଲାଟ କେସରୀ ସାମଲ, ପ୍ରିୟଦର୍ଶିନୀ ନନ୍ଦ, ସନ୍ତୋଷ କୁମାର ଜେନା, ଧୀରେନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଶେଖର ସେଠୀ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସାଧାରଣ ସମ୍ପାଦକ ଅଭିମନ୍ୟୁ ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଉପସଭାପତି କଳ୍ପନା ମଲିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଉପିନ କୁମାର ରାଉତ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଶୁଭରଞ୍ଜନ ସାମଲ, କାର୍ତ୍ତିକ ଚନ୍ଦ୍ର ଦାସ, ବିଭୁପ୍ରସାଦ ମହାନ୍ତି, ବରାହ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ସୁସ୍ଥ ଜୀବନ ପାଇଁ ଜୈବିକ କୃଷି ଆବଶ୍ୟକ

**କେନ୍ଦ୍ରାପଡ଼ା ଅଫିସ/ ମାର୍ଶାଘାଇ, ୧୬।୩(ଡି.ଏନ.ଏ.)** ମାର୍ଶାଘାଇ ବ୍ଲକ ଭୂଷରଙ୍ଗ ହନୁମାନ ମନ୍ଦିରରେ ଜୈବିକ କୃଷି ସମ୍ପର୍କିତ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ଜୀବନ ପାଇଁ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଆବଶ୍ୟକ ବୋଲି ଆଲୋଚକମାନେ କହିଥିଲେ। ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଶିଶିର ପରିଜା, ପ୍ରଦୀପ୍ତ ପାଇକରାୟ, ଦେବ ଶତପଥୀ, ସୌଭାଗ୍ୟ ସେନାପତି ଭାଗ ନେଇଥିଲେ। ସେମାନେ କହିଥିଲେ, ପୂର୍ବରୁ ଜୈବିକ ଚାଷକୁ ଗୁରୁତ୍ୱ ଦିଆଯାଉଥିଲା। ଏବେ ଅଧିକ ଫସଲ ଉତ୍ପାଦନ ପାଇଁ ରସାୟନିକ ସାର, କୀଟନାଶକ ବ୍ୟବହାର ଯୋଗୁ ଉତ୍ପାଦ ବିଭିନ୍ନ ରୋଗର କାରଣ ପାଲଟିଛି। ଜୈବିକ ପ୍ରଣାଳୀ ଚାଷରେ ଖତ, ଗୋମୂତ୍ର, କୀଟନାଶକ ପତ୍ରର ବ୍ୟବହାର ହେଉଛି। ଏହାଦ୍ୱାରା ଖର୍ଚ୍ଚ କମ ହେଉଥିବା ବେଳେ ଅଧିକ ଫସଲ ଅମଳ ସହ ଲୋକେ ଉତ୍ପାଦ ଖାଇ ସୁସ୍ଥ ରହୁଥିବା ସେମାନେ କହିଥିଲେ।

## ଯଯାଙ୍ଗୀ ପାହାଡରେ ନିଆଁ

**ନୟାଗଡ଼ ଅଫିସ, ୧୬।୩:** ନୟାଗଡ଼ ସହରର ଯଯାଙ୍ଗୀ ପାହାଡ଼ ଜଳୁଛି। କେହି ବ୍ୟକ୍ତି ନିଆଁ ଲଗାଇବା ଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଖବରପାଇ ନୟାଗଡ଼ ବନବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିଲା। ମଙ୍ଗଳବାର ରାତିରେ ପୁଣି ଥରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ବନବିଭାଗ ପକ୍ଷରୁ ନିଆଁକୁ ଆୟତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

## ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ

**ଖଣ୍ଡପଡ଼ା, ୧୬।୩(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ବଡବାଣପୁର ପଞ୍ଚାୟତ ଅଧୀନ କୁମୁଣ୍ଡି ଗ୍ରାମରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଗତ ୧ମାସ ହେବ ଏହି ଅବ୍ୟବସ୍ଥା ଲାଗି ରହିଛି। ସ୍ଥାନୀୟ ଲୋକେ ପାଣି ବାଲ୍‌ଟିଏ ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

ମହାନଦୀ ତଟରେ ଅବସ୍ଥିତ କୁମୁଣ୍ଡି ଗ୍ରାମବାସୀ ଏବେ ନଳକୂପ ଓ ଅନ୍ୟାନ୍ୟ ଜଳଉତ୍ସରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ତେବେ ସେହି ପାଣି କେତେ ବିଶୁଦ୍ଧ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନଳକୂପ ପାଣିରେ ଫ୍ଲୋରାଇଡ ରହିଛି ବୋଲି ଅଭିଯୋଗ ହୋଇଛି। ଗ୍ରୀଷ୍ମ ପ୍ରଭାବ ଦିନକୁ ଦିନ ବଢ଼ି ଚାଲିଛି। ଏପରି ପରିସ୍ଥିତିରେ ବିଭାଗୀୟ କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର କର ଏ ନେଇ



ଅଚଳ ହୋଇପଡିଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ।

ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଠିକାଦାର ସେହି ପ୍ରକଳ୍ପକୁ ବିଭାଗକୁ ହସ୍ତାନ୍ତର କରି ନ ଥିବା ଖଣ୍ଡପଡା ବ୍ଲକ୍ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି କନିଷ୍ଠଯନ୍ତ୍ରୀ ସାହୁ କହିଛନ୍ତି।

## ଜଙ୍ଗଲ ଧୋଡ଼ାରେ କମ୍ୟୁନିଟ୍ ସେଣ୍ଟର

**ନୟାଗଡ଼ ଅଫିସ, ୧୬।୩:**

ନୟାଗଡ଼ ସହରର ୧୩ ନଂ. ୱାର୍ଡ ଯଯାଙ୍ଗୀ ପାହାଡ଼ର ଏକ ଧୋଡ଼ାରେ କମ୍ୟୁ ନିଟ୍ ସେଣ୍ଟର ନିର୍ମାଣ ଆରମ୍ଭ ହୋଇଛି । ପୂର୍ବରୁ ଏହି ସ୍ଥାନରେ ଅଙ୍ଗନୱାଡି ସେଣ୍ଟର କରାଯିବାକୁ ସ୍ଥିର ହୋଇଥିଲା । ସ୍ଥାନୀୟ ଲୋକଙ୍କ ବିରୋଧ ପରେ ତାହା ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଲୋକଙ୍କ ବିରୋଧ ସତ୍ତ୍ୱେ କମ୍ୟୁନିଟ୍ ସେଣ୍ଟର କାର୍ଯ୍ୟ ସେହି ସ୍ଥାନରେ ଆରମ୍ଭ ହୋଇଛି । ଏହି ଧୋଡାରେ ପାଣି ଜମି ରହୁଥିଲା । ନିକଟରେ ମାଟି ଅତଡା ଖସି ବିପଦସଙ୍କୁଳ ଅବସ୍ଥାରେ ରହିଛି । ଯଦି କମ୍ୟୁନିଟ୍ ସେଣ୍ଟର ନିର୍ମାଣ ହୁଏ ଧୋଡାରେ ଜମୁଥିବା ପାହାଡ ପାଣି ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

# 'ଆମ ଭିଟାମାଟି ଛାଡିବୁ ନାହିଁ'



ବୈଠକରେ ଯୋଗଦେଇଥିବା ସଂଗ୍ରାମ ସମିତିର କର୍ମକର୍ତ୍ତା ।

**ବୃତ୍ତଙ୍ଗ ନଦୀବନ୍ଧ ବାସଚ୍ୟୁତ ସଂଗ୍ରାମ ସମିତି ବୈଠକ**

**ଦଶପଲ୍ଲା, ୧୬।୩(ଡି.ଏନ.ଏ.)**

ବୃତ୍ତଙ୍ଗ ବାସଚ୍ୟୁତ ସଂଗ୍ରାମ ସମିତିର ଏକ ବୈଠକ ଜାମୁସାହି ନିକଟସ୍ଥ ପାମ୍ପରେଡା ଗ୍ରାମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବୃତ୍ତଙ୍ଗ ନଦୀବନ୍ଧକୁ ନେଇ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେଉ ନ ଥିବା ଯୋଗୁ ସମିତିର କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ସେମାନେ କହିଛନ୍ତି, ସରକାର, ଜିଲା ପ୍ରଶାସନ କିମ୍ବା କୌଣସି ନେତୃବୃନ୍ଦ ଏପର୍ଯ୍ୟନ୍ତ ବାସଚ୍ୟୁତ ସଂଗ୍ରାମ ସମିତି ସହ ଆଲୋଚନା କରି ନାହାନ୍ତି । ବାସଚ୍ୟୁତମାନଙ୍କୁ କେଉଁଠାରେ ସ୍ଥାୟୀ ବାସସ୍ଥାନ ଦିଆଯିବ ଏବଂ ସେମାନଙ୍କ ଆବଶ୍ୟକତା ପୂରଣ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା ହୋଇପାରିନାହିଁ । ଯଦି ଏ ସଂକ୍ରାନ୍ତରେ ସ୍ପଷ୍ଟ ନ ହୁଏ ଆମ୍ଭେମାନେ ଆମ ଭିଟାମାଟି ଛାଡି ଯିବୁ ନାହିଁ । ଉକ୍ତ ବୈଠକରେ ତ୍ରିନାଥ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସରପଞ୍ଚ ବବିତା ନାୟକ, ପୁରନ୍ଦର ଜାନି, ନବକିଶୋର ମଲ୍ଲିକ, ପ୍ରସନ୍ନ ନାୟକ, ପଦ୍ମ ଚରଣ ନାୟକ, ସଂସାରୀ ନାୟକ, ଉଗ୍ରସେନ ମଲ୍ଲିକ ପ୍ରମୁଖ ନିଜ ନିଜର ମତ ରଖିଥିଲେ । ସଂଗ୍ରାମ ସମିତି କର୍ମକର୍ତ୍ତା ତଥା ଦଶପଲ୍ଲା ବ୍ଲକ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ ଉକ୍ତ ବୈଠକ ପରିଚାଳନା କରିଥିଲେ ।

# ଗ୍ରୀଷ୍ମଋତୁ ଆରମ୍ଭରୁ ଜଳକଷ୍ଟ

- ପଟ୍ଟାମୁଣ୍ଡାଇ ପୌରାଞ୍ଚଳ, ବ୍ଲକରେ ନଳକୂପ ଅଚଳ
- ଓଭରହେଡ ଟ୍ୟାଙ୍କି ଲାଗୁନି କାମରେ

**ପଟ୍ଟାମୁଣ୍ଡାଇ, ୧୬।୩ (ସ୍ୱ.ପ୍ର.)**

ଗ୍ରୀଷ୍ମ ଋତୁ ଆରମ୍ଭରୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଓ ବ୍ଲକର ୩୧ ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ୩୧ ପଞ୍ଚାୟତରେ ୩୯ ନଳକୂପ ବିଭିନ୍ନ କାରଣରୁ ଅଚଳ ହୋଇପଡିଛି ବୋଲି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କୁହାଯାଇଛି। ବ୍ଲକର ୩୧ପଞ୍ଚାୟତରେ ୩୪ ଓଭରହେଡ ଟାଙ୍କି ଥିବାବେଳେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି। ପୁନଶ୍ଚ ଖଡିଅଣ୍ଟା, ଶାସନ, ଅମୃତମଣୋହି ପଞ୍ଚାୟତରେ ନୂତନ ଭାବେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏଥିରୁ ୧୪୩ଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଓଭର ହେଡ ପାଣି ଟାଙ୍କି ଗାଁ ମୁଣ୍ଡରେ କେବଳ ରହିବା ସାର ହୋଇଛି। ଅଧିକାଂଶ ଟ୍ୟାପ ଭାଙ୍ଗି ଯାଇଥିବା ବେଳେ ବହୁ ସ୍ଥାନରେ ପାଇପଗୁଡିକ ଫାଟି ପାନୀୟ ଜଳ ଯୋଗାଣରେ ଅନ୍ତରାୟ ସୃଷ୍ଟି କରୁଛି। ସଚଳ କୁହାଯାଉଥିବା ନଳକୂପ ମଧ୍ୟରୁ ବହୁ ନଳକୂପ ଯନ୍ତ୍ରାଂଶ ଅଭାବ ଯୋଗୁ ଖରାପ ହୋଇପଡିଛି।



ଓଭର ହେଡ ପାଣି ଟାଙ୍କି।

ବ୍ଲକର ଧୋୟାଞ୍ଚଳରେ ଥିବା ଅଣରା, ଅମୃତମଣୋହି, ବଳୁରିଆ, ପେଣ୍ଠପାଳ, ତରଡିପାଳ, ସିଂହଗାଁ, ବାଲିପାଟଣା, ନୀଳକଣ୍ଠପୁର, ବାଛରା, ଶ୍ରୀରାମପୁର, ଶାସନ, ଡାମରପୁର, ବଳଭଦ୍ରପୁର, ଉତିକଣର ସଂସାରଫଳ, ଓଉପଦା, ଖଣତା, ଚନ୍ଦନଗର, ବିଲିକଣା, ଦୋଷିଆ, ଦିହୁଡିପୁର, ବଡମୋହନପୁର, ବଡପଡା, ସାନଜରିଆ, ଗଙ୍ଗାରାମପୁର, ଖଡିଅଣ୍ଟା, କଖାରୁଣୀ ସମେତ ନରସିଂହପୁର, ଡିହାପଡା ଓ ବଡମୂଳବସନ୍ତ ଆଦି ପଞ୍ଚାୟତର ବିଭିନ୍ନ ସାହି, ବସ୍ତିରେ ଉତ୍କଟ ପାନୀୟ ଜଳ ସମସ୍ୟା ଲାଗି ରହିଛି। ପଟ୍ଟାମୁଣ୍ଡାଇ ବ୍ଲକରେ ପାନୀୟ ଜଳ ସମସ୍ୟା ସୃଷ୍ଟି ନ ହେବାକୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଦିଲ୍ଲୀପ ସାମନ୍ତରାୟ କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଉତ୍କଟ ପାନୀୟ ଜଳ ସମସ୍ୟାକୁ ସମାଧାନ ନ କଲେ ଆଗକୁ ପରିସ୍ଥିତି ଜଟିଳ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ପାନୀୟ ଜଳ ସମସ୍ୟା ଅସହ୍ୟ ହୋଇପଡିଛି। ଅଲାଭଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ହୋଇଥିଲେ ମଧ୍ୟ ତାହା ସହରବାସୀଙ୍କ ପାନୀୟ ଜଳ ସମସ୍ୟା ପୂରଣ କରିବାକୁ ସକ୍ଷମ ହେଉନାହିଁ। ବକ୍ତାରପୁର, ବଳିପଡା, ଡାଖିଣ୍ଡିଆ, ଚୁନଡିହଠାରେ ୪ଟି ଓଭର ହେଡ ଟାଙ୍କି ନିର୍ମିତ ହୋଇଛି। ମାତ୍ର ଯନ୍ତ୍ରୀମାନଙ୍କ ଅବହେଳା ତଥା ତ୍ରୁଟି ଯୋଗୁ ପୌରାଞ୍ଚଳରେ ୪୦ହଜାର ଲୋକଙ୍କ ମଧ୍ୟରୁ ୧୪ ହଜାର ପାନୀୟ ଜଳ ପାଉଛନ୍ତି। ୭ ନଂ. ୱାର୍ଡକୁ ମାସ ମାସ ଧରି ବୁନ୍ଦାଏ ହେଲେ ଜଳ ଆସୁନାହିଁ। ୱାର୍ଡବାସୀ ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ମୋ ସରକାର ହେଲ୍ପ ଲାଇନରେ ଅଭିଯୋଗ କରିଥିଲେ ହେଁ ସୁଫଳ ମିଳିନାହିଁ। ୨୦ନଂ. ୱାର୍ଡରେ ଓଭର ହେଡ ଟାଙ୍କି ପାଣି ପୋଖରୀକୁ ଯାଉଛି। ପୋଖରିଆପଡା, ତତନା, ମାଟିଆ, ବେଲତଳ, ତନୁପୁର, ନନ୍ଦିନନଗର, ନୂଆଗାଁ, କାକୁଡିପଲ୍ଲି ଅଞ୍ଚଳକୁ ଆଦୌ ପାଣି ଯାଉନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀମାନେ ଆଦୌ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳବାସୀଙ୍କ ଜଳକଷ୍ଟ ଦୂର କରିବାକୁ ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ପଟ୍ଟାମୁଣ୍ଡାଇବାସୀ ଦାବି କରିଛନ୍ତି।

